# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA

PRGI Registration No. ORORI/25/A3457

https://epaper.garvitodia.in

VOL-1 ISSUE-2 1 DECEMBER-7 DECEMBER, 2025 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୨ ୧ ଡିସେମ୍ବର-୭ ଡିସେମ୍ବର, ୨୦୨୫ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର


## ଯଦି ସେ ଶଙ୍ଖ ଫୁଙ୍କନ୍ତି


## ବେଙ୍ଗଲା ବୁଲୁଛି ଓଡ଼ିଆ ଅସ୍ମିତା

## ହାତର ରେଖା ଦିଶୁନି

## କୁଆଡ଼େ ଗଲେ ସସ୍ମିତ ପାତ୍ର

## କ୍ୟାମ୍ପସ୍‌କୁ ଡର !






# ପାଣ୍ଡିଆନଙ୍କ ଚାରିପାଖେ ବେଙ୍ଗଳା ବୁଲୁଛି ଓଡ଼ିଆ ଅସ୍ମିତା

ଏଇ ଓଡ଼ିଆ ଅସ୍ମିତା କ'ଣ ? ଚବିଶ ନିର୍ବାଚନ ବେଳଠାରୁ ସମସ୍ତେ 'ଅସ୍ମିତା'ର ତିନି ଅକ୍ଷରୀ ମନ୍ତ୍ର ଜପୁଛନ୍ତି । ସାଧାରଣରେ ପଚାରିଲେ ଅସ୍ମିତା ମାନେ ଫଟ କିନା ସମସ୍ତେ କହୁଛନ୍ତି 'ପାଣ୍ଡିଆନ୍'। ଜଣେ ଅଣଓଡ଼ିଆ ରାଜ୍ୟ ଶାସନର ମଙ୍ଗ ଧରିଥିବାରୁ ଆମ 'ଅସ୍ମିତା' ଉପରେ ପ୍ରଶ୍ନ ବୋଲି କୁହାଯାଉଥିଲା । ଯଦି ତାହା ଠିକ୍, ତେବେ ପାଣ୍ଡିଆନ୍ ଆଉ ରାଜ୍ୟ ଶାସନ କରୁନଥିବାରୁ 'ଓଡ଼ିଆ ଅସ୍ମିତା' ଉପରେ ଏବେ ପ୍ରଶ୍ନବାଚୀ ନାହିଁ ତ ? ଆଉ ବିଜେପି ନେତାମାନେ 'ଅସ୍ମିତା' ଅସ୍ମିତା କହି ଚିଲେଇବେନି ତ ? ଅବଶ୍ୟ ଆଜିକାଲି ଆଉ ବିଜେପି ନେତାଏ 'ଅସ୍ମିତା' ମନ୍ତ୍ର ଜପୁନାହାନ୍ତି ।

ସେପଟେ 'ଶବ୍ଦକୋଷ' ଘାଣ୍ଟି ଘାଣ୍ଟି 'ଅସ୍ମିତା'ର ଯେଉ ଅର୍ଥ ପାଇଲେ ସେଥିରେ ଡକ୍ଟର ଅରୁଣ ସାହୁ ସନ୍ତୁଷ୍ଟ ହୋଇପାରିଲେନି । ଏହାର ଉତ୍ତର ପାଇଁ ଓଡ଼ିଆ ଭାଷା ଓ ସାହିତ୍ୟ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ପଚାରିବାରୁ ସେ କହିଲେ, ଅସ୍ମିତା ମାନେ ମୁଁ ପଣ, ଅହଙ୍କାନ, ମୁଁ ଭାବ ଓ ମୁଁ ଅଛି ।

ହେଲେ ଆମ ମତରେ ଅସ୍ମିତାମାନେ ହେଉଛି ସାହାସ, ସ୍ୱାଭିମାନ ଓ ସମୃଦ୍ଧି । ଓଡ଼ିଆ ପୁଅର ସାହସିକତାର ଗୌରବ କଥା ଇତିହାସ ପୃଷ୍ଠାର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିଛି । 'ମହାଭାରତ' ହେଉ ଅବା ଦୟାନଦୀ କୂଳର କଳିଙ୍ଗ ଯୁଦ୍ଧ । ମହାମେଘବାହନ ଐର ଖାରବେଳଙ୍କ ଠାରୁ ନେଇ ଗଜପତି କପିଳେନ୍ଦ୍ରଦେବଙ୍କ ପର୍ଯ୍ୟନ୍ତ, ସବୁଠି ଆମ ସାହାସର ଗାଥା ରହିଛି । ହେଲେ ଆଜି ଆମେ ସାହାସୀ ତ ?

ଏଇ ଓଡ଼ିଆ ଭାରି ସ୍ୱାଭିମାନୀ । ନଅଙ୍କ ଦୁର୍ଭିକ୍ଷ ବେଳେ ମରିବାକୁ ପସନ୍ଦ କଲା, ହେଲେ ଛତରରେ ଖାଇଲାନି । ଏବେ ଆମେ ନିଜକୁ ପ୍ରଶ୍ନ କରିବା ଆମେ କେତେ ସ୍ୱାଭିମାନୀ ? ଆଉ ରହିଲା ସମୃଦ୍ଧିର କଥା । ଏ ସମୃଦ୍ଧିର ମାନେ କ'ଣ ? ଏକଥା ବୁଝାଇବାକୁ ହେଲେ ସବୁ ପୃଷ୍ଠା ସରିଯିବ । ଛୋଟିଆ ଉଦାହରଣଟେ, ଦିନେ ଝାଟିମାଟି ଚାଳଛପର ମାଟି ଘରେ ସ୍କୁଲ ଚାଲିଥିଲା । ଆମ ସାର୍‌ମାନେ ପୁଅଝିଅ ଭାବେ ପାଠ ପଢ଼ାଉଥିଲେ । ଭଲ ମଣିଷ ହେବାର ବାଟ ଦେଖାଉଥିଲେ । ସ୍କୁଲରେ ସାର୍ କେବଳ ୧୦ରୁ ୪, ଡ୍ୟୁଟି ଭିତରେ ସୀମିତ ନଥିଲେ । ବରଂ ଦେଶର ଭବିଷ୍ୟତ ଗଢ଼ିବା ପାଇଁ ଦିନରାତି ଲାଗି ପଡ଼ିଥିଲେ । ଅଭିଭାବକମାନେ ପିଲାଙ୍କୁ ମଣିଷ କରିବା ପାଇଁ ନିଜେ ବେତ ନହେଲେ ପାଚଣ ଧରାଇ ଦେଉଥିଲେ । ଆଜି ଆଉ ସ୍କୁଲ୍ ଝାଟିମାଟି ଘର ନୁହେଁ, ସିମେଣ୍ଟ କଂକ୍ରିଟର ଇମାରତ ପାଲଟିଯାଇଛି । ମାର୍ବଲ ଚଟାଣ, ଫ୍ୟାନ୍ ଲାଇଟ୍, ଚକମକିଆ ବୋର୍ଡ଼ ଅଛି... । ସାରମାନେ ବି ମୋଟା ଦରମା ପାଉଛନ୍ତି । ହେଲେ ଏବେ ସେ ଆନ୍ତରିକତା ଅଛି ତ ? ଆଜିକାଲି ସ୍କୁଲ ପାଠପଢ଼ା କହିଲେ ଖାଲି ପାଠ୍ୟକ୍ରମ ସାରିବା କଥା । ପିଲାଙ୍କୁ ମାରିବା କଥା ଦୂରେ ଥାଉ, ଚୁପ୍ କହିଦେଲେ ବି ବାପାମା' ବିଇଓ ପାଖରେ ଫେରାଦ ହୋଇଯାଉଛନ୍ତି । ଆଜ୍ଞା ଇଏ କ'ଣ ସମୃଦ୍ଧି ? ପାଣ୍ଡିଆନଙ୍କ ଚାରିପାଖେ ଅସ୍ମିତା ବେଙ୍ଗଳା ନପକାଇ 'ସାହାସ, ସ୍ୱାଭିମାନ ଓ ଅସଲ ସମୃଦ୍ଧି'ର କଥା ବିଚାର କରିବାର ସମୟ ଆସିଯାଇଛି । ତାହେଲେ ଯାଇ ଓଡ଼ିଆର ଅହଂ କି ଅସ୍ମିତା ବଜାୟ ରହିପାରିବ ।

# ମହାମହିମ ଯଦି ଆଗରୁ ଆସିଥା'ନ୍ତେ...

'ବିଧାୟକମାନେ ହେଉଛନ୍ତି ଜନପ୍ରତିନିଧି । ଓଡ଼ିଶାର ଲୋକଙ୍କର ସେମାନଙ୍କ ଉପରେ ଅପାର ଆଶା ଓ ବିଶ୍ୱାସ ରହିଛି । ନାଗରିକଙ୍କ ଆଶା ପୂରଣ କରିବା, ସେମାନଙ୍କ ସ୍ୱପ୍ନକୁ ସାକାର କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ସମସ୍ତ ବିଧାୟକଙ୍କ କର୍ତ୍ତବ୍ୟ । ସେମାନଙ୍କର ଆଚରଣ ଏବଂ ଉଚ୍ଚାରଣ ଏପରି ହେବା ଉଚିତ୍, ଯାହାଦ୍ୱାରା ସେମାନଙ୍କୁ ଅନୁସରଣ କରି ସେମାନଙ୍କ ପ୍ରଶଂସକ ଏବଂ ଅନୁଗାମୀମାନେ ସମାଜ ଓ ରାଜ୍ୟ ଗଠନରେ ସାହାଯ୍ୟ କରିପାରିବେ ।' ନଭେମ୍ବର ୨୭ରେ ଓଡ଼ିଶା ବିଧାନସଭାର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଏହା ଥିଲା ଐତିହାସିକ ଅଭିଭାଷଣର କିଛି ଅଂଶ । ବିଧାନସଭାର ଏଇ ଅଧିବେଶନ ପୂର୍ବରୁ ବିଜେଡ଼ି ଓ କଂଗ୍ରେସ ଅନେକ ଅସ୍ତ୍ର ସଜାଡ଼ିଥିଲେ । ଏମିତିବି ଆଜିକାଲି ଗୃହ ଅଚଳ କରିବାରେ କିଏ ଆଗରେ ସେଥିପାଇଁ ଦୁଇ ବିରୋଧୀଙ୍କ ମଧ୍ୟ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳୁଛି । ବେଳେବେଳେ ଶାସକ ଦଳ ବି ପଛରେ ପଡ଼େନି । ହେଲେ ରାଷ୍ଟ୍ରପତି ମହୋଦୟା ବିଧାୟକ ଓ ବିଧାୟିକାମାନଙ୍କୁ ଟିପ୍ସ ଦେବା ପରେ ସେମାନଙ୍କର ଚେତା ପଶିଯାଇଛି । ମନେହେଉଛି ସେମାନେ ଦାୟିତ୍ୱ ପ୍ରତି ସଚେତନ ହୋଇଯାଇଛନ୍ତି । ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ସବୁ ଆଲୋଚନା ହୋଇଛି । ଲୋକେ କହୁଛନ୍ତି, ରାଷ୍ଟ୍ରପତିଙ୍କ ଟିପ୍ସର ପ୍ରଭାବ । ମହାମହିମ ଯଦି ଆଗରୁ ଆସିଥା'ନ୍ତେ ତେବେ କେତେ ଭଲ ହୋଇଥା'ନ୍ତା । ଦେଖାଯାଉ, ଆମ ବିଧାୟକ ବିଧାୟିକାମାନେ କେତେଦିନ ରାଷ୍ଟ୍ରପତିଙ୍କ କଥା ମାନୁଛନ୍ତି ?

**ଏମିତି ବି ହୋଇଥିଲା...**

# ବିଧାନସଭାରେ ଲଙ୍କାକାଣ୍ଡ

୧୯୬୪ ମସିହା ସେପ୍ଟେମ୍ବର ୨ । ସେଦିନ ଚାଲିଥିଲା ଓଡ଼ିଶା ବିଧାନସଭା ଅଧିବେଶନ । ଗୃହ ବି ସୁରୁଖୁରୁରେ ଚାଲିଥିଲା । ହଠାତ୍ ଶହ ଶହ ସଂଖ୍ୟାରେ ଛାତ୍ର ଓ ସ୍ଥାନୀୟ ଲୋକେ ବିଧାନସଭା ଗୃହ ଭିତରକୁ ଜବରଦସ୍ତ ପଶି ଆସିଥିଲେ । ବାସ୍ ତା'ପରେ ଆରମ୍ଭ ହୋଇଥିଲା ଲଙ୍କା କାଣ୍ଡ । ବିଧାୟକମାନଙ୍କୁ ଗୃହରୁ ସେମାନେ ଘଉଡାଇ ଦେଇ ସେମାନଙ୍କ ଜାଗାରେ ବସି ପଡ଼ିଥିଲେ । ସେପଟେ ସେତେବେଳକୁ ଢ଼େଲା ପଥରମାଡରେ ବିଧାନସଭାର ଝରକା କବାଟ ବି ଗୁଣ୍ଡ ହୋଇ ଯାଇଥିଲା । ଉତ୍ୟକ୍ତ ଛାତ୍ର ଓ ଜନତାଙ୍କୁ ଅଟକାଇବାକୁ ବାଟ ମିଳିନଥିଲା । ଉପବାଚସ୍ପତି ଓ ବିଧାୟକମାନେ ମିଶି ଯେତେ ଅନୁରୋଧ କଲେ ମଧ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିରେନ୍ ମିତ୍ର କିନ୍ତୁ ଛାତ୍ରମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ୍‌କୁ ଆଦୌ ଅନୁମତି ଦେଲେ ନାହିଁ । ତାଙ୍କ ଯୁକ୍ତି ଥିଲା ବିଧାନସଭା ପରିସର ଭିତରେ ଯେତେ ଜିନିଷ ନଷ୍ଟ ହେବ ତାହା ପୁଣିଥରେ ଗଢ଼ି ହେବ କିନ୍ତୁ ପୋଲିସ କାର୍ଯ୍ୟାନୁଷ୍ଠାନରେ ଯଦି ଜଣେ ବି ଛାତ୍ରଙ୍କର ଜୀବନହାନୀ ହୁଏ ତେବେ ତାହା କେବେ ବି ଭରଣା ହୋଇପାରିବ ନାହିଁ । ମୁଖ୍ୟମନ୍ତ୍ରୀ ପୋଲିସ୍‌କୁ କୌଣସି ପଦକ୍ଷେପ ନେବାକୁ ଅନୁମତି ନଦେବା ଫଳରେ ବିଧାନସଭା ଗୃହର ଗରିମା ଭଙ୍ଗ ହୋଇଥିଲା । ସେପଟେ ଛାତ୍ରଙ୍କୁ ଅଟକାଇବାକୁ ବିଜୁବାବୁ ପୁଲିସ୍‌କୁ କହିଲେ ବୋଲି ତାଙ୍କୁ ଗୋଟିଏ ରୁମ୍‌ରେ ଚାବି ପକାଇଦେଲେ । ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମିତ୍ର ଏହି ଘଟଣା ଘଟିବାର ପରଦିନ ମୁଖ୍ୟମନ୍ତ୍ରୀ ପଦବୀରୁ ଇସ୍ତଫା ଦେଇଥିଲେ । ଅବଶ୍ୟ କେନ୍ଦ୍ରୀୟ କଂଗ୍ରେସ ନେତୃତ୍ୱଙ୍କ ନିର୍ଦ୍ଦେଶରେ ସେ ଇସ୍ତଫା ଫେରାଇଥିଲେ । ଛାତ୍ର ଓ ବସ୍ କଣ୍ଡକ୍ଟର ମଧ୍ୟ ବସଭଡ଼ାକୁ ନେଇ ଯେଉ କଳି ଆରମ୍ଭ ହୋଇଥିଲା, ସେହି କଳି ବିଧାନସଭା ପରିସରରେ ଲଙ୍କାକାଣ୍ଡରେ ରୂପାନ୍ତରିତ ହୋଇଥିଲା ।

# ସେ ଯଦି ଶଙ୍ଖ ଫୁଙ୍କନ୍ତି...

**ଗୋଡ଼ରେ ଆଉ ଚାଲିବାକୁ ବଳ ନାହିଁ । ତଥାପି ପ୍ରଚାରକୁ ଗଲେ । ହାତ ବି ଭଲରେ ଉଠାଇ ହେଉନି । ତଥାପିବି ହାତ ହଲାଇ ଅଭିବାଦନ କଲେ । କ୍ଷମତା ପାଇଁ ବି ଆଉ ସେମିତି ମୋହ ନାହିଁ । ୧୯୯୭ରୁ ୨୦୨୪ । ସମାନ ୨୭ ବର୍ଷ ଖାଲି ପାୱାର ହିଁ ପାୱାର । ରାଜନୀତିର ସବୁ କ୍ଷମତାର ସୁଆଦ ସେ ଚାଖିଛନ୍ତି । କେନ୍ଦ୍ରମନ୍ତ୍ରୀରୁ ମୁଖ୍ୟମନ୍ତ୍ରୀ ଯାଏଁ, ସବୁ ପାଇ ସାରିଛନ୍ତି । ବୋଧହୁଏ ବିରୋଧୀ ଦଳ ନେତା ହେବାଟା ବାକି ଥିଲା ବୋଲି ଚବିଶରେ ସେ ସ୍ୱପ୍ନ ବି ପୂରଣ କରିଦେଲେ ଓଡ଼ିଶାବାସୀ । ଓଡ଼ିଶା ନେତାଙ୍କ ଅଯୋଗ୍ୟ କାରଣରୁ ଦିନେ ସେ ବିଜେଡ଼ିର ମଙ୍ଗୁଆଳ ସାଜିଥିଲେ । ଆଉ ଏବେକାର ବିଜେଡ଼ି ନେତାଙ୍କ ଅଯୋଗ୍ୟତା ପାଇଁ ସେ ଅଣରାଜନୈତିକ ବ୍ୟକ୍ତିଙ୍କ ହାତରେ ବିଜେଡ଼ିକୁ ଟେକି ଦେବାକୁ ଯାଉଛନ୍ତି । ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଏବେ ନିଜର ଉତ୍ତରାଧିକାରୀ ଭାବେ ସୁଜାତା କାର୍ତ୍ତିକେୟନଙ୍କୁ ବାଛି ସାରିଛନ୍ତି । ଯଦି ସୁଜାତା ଶଙ୍ଖ ଫୁଙ୍କନ୍ତି... ତେବେ... ଏନେଇ ଅଖଛିଣ୍ଡାଙ୍କ ଉପସ୍ଥାପନା ।**



## ଶଙ୍ଖ ଭବନରେ କମ୍ପନ

ସୁଜାତା ବିଜେଡ଼ିରେ ଯୋଗଦେଲେ ଶଙ୍ଖ ଭବନରେ କମ୍ପନ ସୃଷ୍ଟି ହେବା ଥୟ। ଦଳର କେତେକ ବରିଷ୍ଠ, ଯୁବ ଓ ଛାତ୍ର ନେତା ଦଳ ଛାଡ଼ିବା ନିଶ୍ଚିତ। ସେମାନେ ଛାଡ଼ିବାର କାରଣ କ'ଣ? ସେ କଥାବି ବୁଝିବା ଦରକାର। ବିଜେଡ଼ିର କିଛି ନେତା ସୁଜାତା-ପାଣ୍ଡିଆନ୍ ବିରୋଧୀ ବୋଲି ବ୍ରାଣ୍ଡିଂ ହୋଇ ସାରିଛନ୍ତି। ସେମାନଙ୍କର ବଦ୍ଧ ଧାରଣା ହେଉଛି, ଯଦି ଏହି ପାୱାର କପୁଲ୍ ପୁଣି ଶଙ୍ଖରେ ପାୱାରଫୁଲ୍ ହୁଅନ୍ତି ତେବେ ସେମାନଙ୍କ ଡେର କଟିଯିବ। ଦଳ କ୍ଷମତାକୁ ଆସୁ ବା ନଆସୁ, ସେମାନଙ୍କୁ କୋଣଠେସା କରାଯିବ। ଖାସ୍ ସେଇଥିପାଇଁ ହିଁ ସେମାନେ ଦଳ ଛାଡ଼ିବେ। ତେବେ ଏହି ସଂଖ୍ୟା କେତେ ? ତାହା ବି ଆକଳନ କରିବା ଦରକାର।

ବାସ୍ତବରେ ବିଜେଡ଼ି ନେତାଙ୍କ କଳିଜା ଦୁର୍ବଳ। ଆଜିକା ଦିନରେ ବିଜେଡ଼ିର ଯେତେ ରାଜ୍ୟ ବା ଜିଲ୍ଲାସ୍ତରରେ ଆଗଧାଡ଼ିର ନେତା ଅଛନ୍ତି ସେମାନଙ୍କ ମଧ୍ୟରୁ ୨୦ ପ୍ରତିଶତ ନେତା ଲଢ଼େଇର ନେତା । ବାକି ୮୦ ପ୍ରତିଶତ ସେଟିଂର ନେତା । କିଏ ମାନୁ ବା ନମାନୁ ଏହା ହିଁ ସତ୍ୟ । ପଦ ଲାଳସା ସେମାନଙ୍କର ଏତେ ଅଧିକଯେ, ପଦଲେହନ କରିବାକୁ ଟିକେ ପଶ୍ଚାତପଦ୍ ହୁଅନ୍ତି ନାହିଁ। ୨୦୦୪ରୁ ବିଜେଡ଼ି ନେତାଙ୍କ ଭିତରେ ଏମିତି ଏକ ଦାସତ୍ୱ ମାନସିକତା ଚରିଯାଇଛି। ବିଜୁବାବୁଙ୍କ ସହ କାମ କରିଥିବା ଅଧିକାଂଶ ନେତାଙ୍କୁ ଏହା





# କିଏ ଧରିବେ ମଙ୍ଗ ?

ଏବେ ସବୁ ବିଜେଡ଼ି ନେତା ଓ କର୍ମୀଙ୍କ ମନରେ ଗୋଟିଏ ପ୍ରଶ୍ନ- ନବୀନଙ୍କ ପରେ ବିଜେଡ଼ିର ନେତୃତ୍ୱ କିଏ ନେବେ ? ବିଜୁବାବୁ ଅନେକ ରାଜ୍ୟସ୍ତରୀୟ ନେତୃତ୍ୱ ସୃଷ୍ଟି କରିଥିଲେ ସତ, ହେଲେ ନମ୍ବର-ଟୁ ରଖିବାକୁ ଭୁଲି ଯାଇଥିଲେ। ଅବଶ୍ୟ ବହୁତ ରାଜ୍ୟସ୍ତରୀୟ ନେତା ସୃଷ୍ଟି ବି ରାଜ୍ୟ ରାଜ୍ୟନୀତି ପାଇଁ ଶୁଭଙ୍କର ନଥିଲା। ଜନତା ଦଳ ଭାଙ୍ଗି ବିଜେଡ଼ି ଗଠନ ହୋଇଥିଲେବି ସେମାନଙ୍କ ମଧ୍ୟରୁ କେହି ମଙ୍ଗ ଧରିବାକୁ ଯୋଗ୍ୟହେଲେନି । ଶେଷରେ ନବୀନ ବାବୁଙ୍କ ଗୋଡ଼ହାତ ଧରି ଜନତା ଦଳର ନେତାମାନେ ଓଡ଼ିଶାକୁ ଆଣିଥିଲେ। ଏବେ ବିଜେଡ଼ି ବି ସେମିତି ନେତୃତ୍ୱ ସଂକଟ ଦେଇ ଗତିକରୁଛି। ନବୀନ ଏବେ ସଭାପତି ଥିଲେବି ତାଙ୍କ ପରେ କିଏ ବୋଲି ପ୍ରଶ୍ନ ଜମାଟ ବାନ୍ଧିଲାଣି। ଅବଶ୍ୟ ବିଜୁବାବୁଙ୍କ ଠାରୁ ନବୀନ ବାବୁ ବହୁତ ଚାଲାକ୍। ମୋର ଉତ୍ତରାଧିକାରୀ ରାଜ୍ୟବାସୀ ବାଛିବେ ବୋଲି ନବୀନ କହୁଥିଲେବି ସେ ଉତ୍ତରାଧିକାରୀ ବାଛି ସାରିଲେଣି। ସୁଜାତା କାର୍ତ୍ତିକେୟନ ହିଁ ବିଜେଡ଼ିର ନେତୃତ୍ୱ ନେବେ ବୋଲି ସେ ମାନସିକ ସ୍ତରରେ ସ୍ଥିର କରିସାରିଛନ୍ତି। ଅବଶ୍ୟ ପ୍ରଥମେ ସେ ପାଣ୍ଡିଆନଙ୍କୁ ହିଁ ବିଜେଡ଼ି ସମର୍ପି ଦେବାକୁ ଯୋଜନା କରିଥିଲେ। ହେଲେ ବିଜେପି 'ଓଡ଼ିଆ ଅସ୍ମିତା' କଥା ଉଠାଇ ନବୀନଙ୍କ ଯୋଜନାରେ ପାଣି ପୂରାଇ ଦେଇଥିଲା। ଲୋକେ ବି ପାଣ୍ଡିଆନଙ୍କୁ ନେତା ଭାବେ ଗ୍ରହଣ କରୁନାହାନ୍ତି ବୋଲି ଚବିଶରେ ବାର୍ତ୍ତା ଦେଇଦେଲେ।

ପସନ୍ଦ ନଥିଲା। କିନ୍ତୁ ଦୀର୍ଘଦିନ ଧରି କଂଗ୍ରେସ ସହ ଲଢ଼ିବା ପରେ କ୍ଷମତା ପାଇଥିବାରୁ ନବୀନଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇବାକୁ ବାଧ ହୋଇଥିଲେ। ସେହି କ୍ଷମତା ଲୋଭର ଧାରା ଯୁବ, ଛାତ୍ର, ବରିଷ୍ଠ ନେତାଙ୍କ ତୁଣ୍ଡରେ ତୁଣ୍ଡି ବାନ୍ଧି ଦେଇଛନ୍ତି କହିଲେ ଭୁଲ୍ ହେବ କି ?

## ନବୀନଙ୍କୁ ନମ୍ବର-ଟୁ କିଳା

ଅବଶ୍ୟ ବିଜେଡ଼ି ରାଜନୀତିକୁ ନିରିଖେଇ ଅନୁଶୀଳନ କଲେ, ଆପଣ ଅନୁଭବ କରିବେ ଦଳ ମୂଳରୁ ସବୁବେଳେ ଅଣରାଜନେତାଙ୍କ ହାତରେ ରହିଆସିଛି। ପ୍ରଥମ ଉଦାହରଣ ହେଉଛନ୍ତି, ନବୀନ ପଟ୍ଟନାୟକ। ରାଜନୀତି ପ୍ରତି ଅନାଗ୍ରହ ଥିଲେବି ସେ ରାଜନୀତିକୁ ଆସିଲେ। ହେଲେ ରାଜନୀତିର ଗୋଟି ଚାଳନାରେ ସେ ଏମିତି ମାହିର ହେଲେଯେ, ଅଢ଼େଇ ଦଶନ୍ଧି ଧରି ଖାଲି ରାଜ୍ୟ ରାଜନୀତିରେ ନୁହେଁ ଜାତୀୟ ରାଜନୀତିରେ ବି ଜଣେ ଚର୍ଚ୍ଚିତ ଚେହେରା ପାଲଟିଗଲେ। ହେଲେ ସେ ସବୁବେଳେ ନମ୍ବର-୨ ଉପରେ ହିଁ ଭରସା କରିଆସିଛନ୍ତି।




ପ୍ୟାରୀମୋହନ ମହାପାତ୍ରଙ୍କୁ ଭୁଲିଗଲେ ଚଳିବ ନାହିଁ। ୨୦୧୨ ପର୍ଯ୍ୟନ୍ତ ସେ ହିଁ ଦଳର ନମ୍ବର-ଟୁ ଥିଲେ। ୨୦୦୦ରୁ ୨୦୧୨, ବିଜେଡ଼ିରେ ଏହି ଯୁଗଟି ନବୀନ-ପ୍ୟାରୀ ଯୁଗ ନାମରେ ଇତିହାସରେ ରହିବ। ପ୍ୟାରୀ ରାଜନେତା ନଥିଲେ ହେଲେ ରାଜନେତାଙ୍କୁ ପାଣି ପିଆଇ ଦେଇଥିଲେ। ଅବଶ୍ୟ, ପ୍ୟାରୀଙ୍କ ମଧ୍ୟରାତ୍ର ଷଡ଼ଯନ୍ତ୍ର ! ଯାହାର ସତ୍ୟତା ଯଦିଓ ଏଯାବତ୍ ଜଣାପଡ଼ିନାହିଁ, ତଥାପିବି ସେ ଭିଲିଆନ୍ ତାଲିକାରେ ରହିଗଲେ ।

୨୦୧୨ରୁ ୨୦୨୪ ଯାଏଁ, ପ୍ରଥମେ ପ୍ରଚ୍ଛଦପଟରେ ଓ ପରେ ସମ୍ମୁଖରେ ଠିଆ ହେଲେ ପାଣ୍ଡିଆନ୍। ସେ ଥିଲେ ଦଳର ନମ୍ବର ୨। ରାଜନୀତି ନୁହେଁ ସରକାରୀ ଚାକିରୀ ଥିଲା ତାଙ୍କର ବୃତ୍ତି । ଅଣରାଜନେତା ହେଲେ ବି ତାଙ୍କ ଆଗରେ ବିଜେଡ଼ିର ଅଧିକାଂଶ ନେତା ଆଣ୍ଠେଉଥିଲେ। ହେଲେ ନବୀନଙ୍କ ଦୁର୍ଯ୍ୟୋଗ, ଚବିଶ ପରାଜୟ ପାଇଁ ରାଜନୀତିକ ସମୀକ୍ଷକ, ଦଳୀୟ ନେତା, ଭୋଟର ସମସ୍ତେ ନମ୍ବର-୨ ମାନେ ପାଣ୍ଡିଆନଙ୍କୁ ହିଁ

# କାହିଁକି ସୁଜାତା

ରାଜନୀତି କରିବାକୁ ପାଣ୍ଡିଆନଙ୍କର ଷୋଳ ଅଣା ଇଚ୍ଛା । ସିଏମଓ ଜନଶୁଣାଣୀ ବେଳେ ଭଡ଼ାଟିଆ ସମାବେଶଙ୍କୁ ଦେଖି ପାଣ୍ଡିଆନ୍ ବି ଉତ୍ସାହିତ ହୋଇଯିବା ସ୍ୱାଭାବିକ । ଗୁଡ଼ ଯେଉଁଠି ଜନ୍ଦା ସେଇଠି ନ୍ୟାୟରେ, ଆମ ଓଡ଼ିଆ ଲୋକଙ୍କର ପ୍ରକୃତି ହେଉଛି, ପାୱାର ଯେଉଁଠି ଜିନ୍ଦାବାଦ୍ ସେଇଠି । ତେଣୁ ନେତାମାନେ ବି ଟେଣ୍ଟ ବାନ୍ଧିବା କି ଟ୍ରାଫିକ୍ ପୁଲିସ୍ ହେବାକୁ ପଛେଇ ନଥିଲେ । ଆଜି ଯେଉଁ ବିଜେପି ନେତାମାନେ ଏକଥା କହୁଛନ୍ତି, ସେମାନଙ୍କ ମଧ୍ୟରୁ କେତେକ ବିଜେଡ଼ିରେ ଥିବାବେଳେ ସେଇଆ ହିଁ କରୁଥିଲେ । ଅବଶ୍ୟ ଭୁଲ୍ ସେମାନଙ୍କର ନୁହେଁ, ଆଜିକାଲି ଏହା ଏକ ପ୍ରଥା ଓ ପରମ୍ପରାରେ ପରିଣତ ହୋଇଗଲାଣି । ସ୍ୱାଭିମାନୀ ହେବା ବଦଳରେ ଯେଉଁ ଜାତିର ନେତାମାନେ ବଚସ୍କର ସାଜିବାକୁ ପସନ୍ଦ କରନ୍ତି, ସେଠି କହିବ କାହାକୁ, ଶୁଣିବ କିଏ ଭଳି କଥା । ଚବିଶରେ ନବୀନବାବୁ ଜିତିଥିଲେ, କେତେ ନେତା ପାଣ୍ଡିଆନଙ୍କ ଆଗରେ ମେଁ ମେଁ ହୋଇଥା'ନ୍ତେ । ହେଲେ ପାଣ୍ଡିଆନଙ୍କର ଦୁର୍ଭାଗ୍ୟ, ଚବିଶରେ ଦଳ ତ ହାରିଲା, ହାରିଲା, ସେ ବି ଭିଲିଆନ୍ ପାଲଟିଗଲେ । ଯେହେତୁ ସେ ଡାଉନ୍, ବଟ୍ ନଟଆଉଟ୍ ସେଥିପାଇଁ ଏବେ ଆଗକୁ ଆସିବେ ସୁଜାତା ।



ଭିଲିଆନ୍ ସଜାଇ ଦେଇଛନ୍ତି । ଅବଶ୍ୟ କେବଳ ତାଙ୍କୁ କେବଳ ଦୋଷ ଦେଇ ବିଜେଡ଼ିର ତୁଙ୍ଗ ନେତାମାନେ ଖସିପାରିବେ ନାହିଁ। ସେ ସମ୍ପର୍କରେ ଆଉ ଏକ ସଂସ୍କରଣରେ ନିଶ୍ଚିତ ଭାବେ ଆଲୋଚନା କରାଯିବ ।

ପ୍ୟାରୀ ଯୁଗ ଓ ପାଣ୍ଡିଆନ୍ ଯୁଗ ପରେ ଆଗକୁ କାହା ଯୁଗ? ସୁଜାତା ଯୁଗ ନା ବବି ଯୁଗ, ନା ଆଉ କାହା ଯୁଗ ? ଅରୁଣ ପଟ୍ଟନାୟକଙ୍କ ନା ବି କେହିକେହି ଉଠାଉଛନ୍ତି । ହେଲେ ଓଡ଼ିଶା ରାଜନୀତି ପାଇଁ ସେ ଆଦୌ ଫିଟ୍ ନଥିବାରୁ ତାଙ୍କୁ ନେଇ ଅନାବଶ୍ୟକ ଚର୍ଚ୍ଚା କରିବାକୁ ଆମେ ଇଚ୍ଛା କରୁନାହୁଁ ।

## ଚଟ୍ଟୁ ଆଇଁଷ, ବେଣ୍ଟ ନିରାମିଷ

ଆମ ଓଡ଼ିଆରେ କଥାଟିଏ ଅଛି, ଚଟୁ ଆଇଁଷ, ବେଣ୍ଟ ନିରାମିଷ। ଏଠି ଚଟୁ ହେଉଛନ୍ତି ପାଣ୍ଡିଆନ୍, ବେଣ୍ଟ ହେଉଛନ୍ତି ସୁଜାତା। ପାଣ୍ଡିଆନ୍ ତାମିଲି ବୋଲି ଯେଉଁମାନଙ୍କୁ କଷ୍ଟ ହେଉଛି, ସୁଜାତା ଓଡ଼ିଆ ଝିଅ ବୋଲି ଖୁସି ହେବେ କେମିତି? କାହିଁକିନା ସବୁ ତ ସେଇ ପାଣ୍ଡିଆନ୍ ହିଁ ବୁଝିବେ । ଆଗରୁ ନବୀନଙ୍କ ପାଖରେ ରହି ବୁଝୁଥିଲେ, ଏବେ ସୁଜାତାଙ୍କ ପାଖରେ ରହି ବୁଝିବେ । କଥା ପୂରା ସମାନ।

## ବିଜେଡ଼ି ରହିବ ନା ବୁଡ଼ିବ ?

ବୁଡ଼ିବାର ଚାନ୍ସ ହିଁ ନାହିଁ । ଭାରତ ବର୍ଷରେ କେତେ ଆଞ୍ଚଳିକ ଦଳରେ ବିଭାଜନ ହୋଇଛି ହେଲେ ବୁଡ଼ାବୁଡ଼ି ନାହିଁ । ମହାରାଷ୍ଟ୍ର କଥା ଦେଖୁନାହାନ୍ତି, ଏନସିପି, ଶିବସେନାରେ ବିଭାଜନ ହେଲା । ଅବଶ୍ୟ ମୂଳ ଗୋଟାଠି, ଡାଳ ଗୋଟାଠି । ହେଲେ ବୁଡ଼ିଲାନି । ଠିକ୍ ସେମିତି ସୁଜାତା ବୁଝନ୍ତୁ କି ପାଣ୍ଡିଆନ୍, ବିଜେଡ଼ିରେ ବିଭାଜନ ହେବ କିନ୍ତୁ ବୁଡ଼ିବନି । ବିଜେଡ଼ି କ'ଣ, ଆମ ଓଡ଼ିଶା ଓ ଉତ୍କଳ ଭାରତ ଭଳି ଜଣିକିଆ ନେତାଙ୍କ ପାର୍ଟିଯେ, ବିଲୟ ଅବା ବୁଡ଼ିଯିବ ।

## ବିଜେଡ଼ି ସହ ମେଣ୍ଟ କରିବ ବିଜେପି !

ଚବିଶରେ ମେଣ୍ଟ ହେଉହେଉ ଅଟକି ଯାଇଥିଲା। ଏବେବି ସେଇ ସମାନ ଢାଞ୍ଚାରେ ମେଣ୍ଟ ଚର୍ଚ୍ଚା ଜାରିରହିଛି। ଯଦି ବିଜେଡ଼ି କି ବିଜେପି ନେତା, ମେଣ୍ଟ ହେବନି ବୋଲି ଭ୍ରମରେ ଥାଆନ୍ତି ବୋଧହୁଏ ସେମାନେ ଭିତିରି ଖେଳକୁ ଏଯାଏଁ ବି ଦେଖୁନାହାନ୍ତି । ଅଠର ମାସ ସରକାରରେ ପାଣ୍ଡିଆନଙ୍କ ସଂକ୍ରାନ୍ତରେ ତଦନ୍ତ ପା' ସରକାର କରିପାରିଲେନି । ମିଡ଼ିଆରେ ଯାହା ଦେଖୁଛନ୍ତି, ସବୁ ମୁହଁଭୁରୁଡ଼ି। ଆପଣଙ୍କର ମନେଥିବ ୧୯୯୦ରେ ବିଜୁବାବୁ ସରକାରକୁ ଆସିବା ପରେ କେମିତି କଂଗ୍ରେସ ନେତାଙ୍କ ଘରେ ଚଢ଼ାଉ ହେଲା ? ୧୯୯୫ରେ ପୁଣି ଜାନକୀ ବାବୁ ରିଟର୍ଣ୍ଣ କଲାପରେ କେମିତି ଚଢ଼ାଉ କରିଥିଲେ । ତାହେଲେ ଏବେ କାହିଁକି ହେଉନି ? ତା'ର ଅର୍ଥ ହେଉଛି ପାଣ୍ଡିଆନ୍ ଯାହା କହୁଛନ୍ତି ସତ, 'ଡାଉନ, ବଟ୍ ନଟଆଉଟ୍ ।' ଏହାକୁ ହାଲକାରେ ନେଲେ କେମିତି ହେବ ?

ଗର୍ବିତ ଓଡ଼ିଆ

ଯଦି କାଲି ସୁଜାତା ନେତୃତ୍ୱ ନେବା ପରେ ବିଜେଡ଼ିର କିଛି ନେତା ଛାଡ଼ି ଚାଲିଯାଆନ୍ତି, ବିଜେଡ଼ି ଆଉ ଶଙ୍ଖ ଚିହ୍ନ ରହିବାଟା ନିଶ୍ଚିତ । ଯଦି ବିଜେଡ଼ିକୁ ବିଜେପି ସଙ୍ଗରେ ନନେବ ତେବେ କଂଗ୍ରେସ ସହ ଆସନ ବୁଝାମଣା ହେବାର ବାଟ ଫିଟିବ । ଏବେବି ଭୋଟ୍ ଅଙ୍କ କହୁଛି, ପାଞ୍ଚ ଛଅ ଡଜନ ଆସନରେ ବିଜେଡ଼ି-କଂଗ୍ରେସ ମିଶିଗଲେ ବିଜେପି ଚହଲିଯିବ। ଏ ହିସାବ ବି ଆଉ ଏକ ସଂସ୍କରଣରେ ଆମେ ଦେବୁ। ବିଜେପିର ଶୀର୍ଷ ନେତାବି ଏମିତି ଅଙ୍କ କଷୁଥିବେ ନିଶ୍ଚିତ । ବିହାରରେ ଇଚ୍ଛା ଥାଉବି ନଥାଉ ନୀତିଶଙ୍କୁ ସଙ୍ଗରେ ନେବାକୁ ସେମାନେ ବାଧ ହେଉଛନ୍ତି କି ନାଇଁ ? ବିଜେପିର ପରମ ଶତ୍ରୁ କଂଗ୍ରେସ । ସେମାନେ କଂଗ୍ରେସକୁ ଉଠାଇଦେବାକୁ ଚାହୁଁନାହାନ୍ତି । ବିଜେଡ଼ି ସହ ହାତ ମିଳାଇଲେ କଂଗ୍ରେସ ମଜବୁତ୍ ହେବା ନିଶ୍ଚିତ। ତେଣୁ ବିଜେପି ନିଜର ପୁରୁଣା ସହଯୋଗୀ, ଯାହାଙ୍କ ସହ ୧୯୯୮ରୁ ୨୦୦୯ ଯାଏଁ ସାଙ୍ଗ ଥିଲେ, ଯେଉଁ ଦଳ ସହ ୨୦୧୯ରୁ ୨୦୨୪ ଯାଏଁ ପ୍ରୀତି କରୁଥିଲେ ତାଙ୍କୁ ନେବାରେ ଅସୁବିଧା କେଉଁଠି ? କାହିଁକିନା ବିଜେଡ଼ିର ଶକ୍ତି କମିଗଲେ ସେମାନେ ସାନ ଭାଇ ହେବାକୁ ବି ରେଡ୍ଡୀ ହୋଇଯିବେ। ୫୦/୬୦ ସିଟ୍ ଦେଲେବି ଚଳିବ। ମାନେ ବିଜେପିର ମୁଖ୍ୟମନ୍ତ୍ରୀ, ବିଜେଡ଼ିର ଉପମୁଖ୍ୟମନ୍ତ୍ରୀ। ଏବେ ଏଇଟା ଗପ ଭଳି ଲାଗିପାରେ, ହେଲେ ରାଜନୀତିରେ ଗପ ବି ସତ ହୁଏ। ଖାଲି ସମୟକୁ ହିଁ ଅପେକ୍ଷା।

**ଭିକେ ପାଣ୍ଡିଆନଙ୍କ ଭଳି ସୁଜାତା ବି ଜଣେ ଦକ୍ଷ ଆଇଏଏସ ଅଫିସର ଥିଲେ । ନବୀନ ସରକାରଙ୍କ ଅମଳରେ ଅନେକ ଯୋଜନାରେ ସୁଜାତାଙ୍କ ଛାପ ରହିଥିଲା । ହେଲେ ସବୁବେଳେ ପାଣ୍ଡିଆନ୍ ଚର୍ଚ୍ଚାରେ ରହୁଥିବାରୁ ସୁଜାତାଙ୍କ ପାରିବାପଣିଆକୁ ନେଇ ସେମିତି ଚର୍ଚ୍ଚା ହୋଇନଥିଲା।**



# ବିକାଶ ଷ୍ଟାମ୍ପ

## ମମତା ଯୋଜନା

ନବୀନ ସରକାରଙ୍କ ଅନ୍ୟତମ ସଫଳ ଓ ଲୋକପ୍ରିୟ ଯୋଜନା ଥିଲା 'ମମତା ଯୋଜନା' । ଯେଉଁ ଯୋଜନାରେ ଗଭର୍ବତୀ ମହିଳାଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥାଏ ।

## ମିଶନ ଶକ୍ତିକୁ ୧୫ ହଜାର କୋଟି

ମହିଳାମାନଙ୍କୁ କ୍ଷୁଦ୍ର ଉଦ୍ୟୋଗ ପାଇଁ ସୁଧ ମୁକ୍ତ ଋଣ ପ୍ରଦାନର ବ୍ୟବସ୍ଥା କରାଗଲା। ମିଶନ ଶକ୍ତିରେ ୭୦ ଲକ୍ଷ ମହିଳା ସାମିଲ୍ ହେବା ସହ ସାତବର୍ଷରେ ଅନୁଦାନ ୫ ଶହ କୋଟିରୁ ୧୫ ହଜାର କୋଟିକୁ ବୃଦ୍ଧି କରାଯାଇଥିଲା ।

## ମଧ୍ୟାହ୍ନ ଭୋଜନରେ ଅଣ୍ଡା

ସୁନ୍ଦରଗଡ଼ ଜିଲ୍ଲାପାଳ ଥିବାବେଳେ ୨୦୦୬ରେ ସୁଜାତା କାର୍ତ୍ତିକେୟନ୍ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଦେବାର ବ୍ୟବସ୍ଥା ଆରମ୍ଭ କରିଥିଲେ। ଯାହାକି ପରବର୍ତ୍ତୀ ସମୟରେ ସାରା ରାଜ୍ୟର ସ୍କୁଲରେ ଲାଗୁ ହୋଇଥିଲା।

## ହାଇସ୍କୁଲ ପିଲାଙ୍କୁ ସାଇକେଲ୍

୨୦୦୫ରୁ ୨୦୦୭ ମଧ୍ୟରେ ସୁନ୍ଦରଗଡ଼ରେ ବ୍ୟାଙ୍କ ସହାୟତାରେ ହାଇସ୍କୁଲ ପିଲାଙ୍କୁ ସାଇକେଲ ବଣ୍ଟାଗଲା। ଆଦିବାସୀ ଝିଅମାନଙ୍କୁ ସାଇକେଲ ଦେବା ଫଳରେ ଡ୍ରପଆଉଟ୍ କମିଥିଲା । ପରବର୍ତ୍ତୀ ସମୟରେ ସାରା ଓଡ଼ିଶାରେ ଏହି ଯୋଜନାକୁ ନବୀନ ସରକାର ଲାଗୁ କରିଥିଲେ ।

## ସର୍ଭେ ଓ ସଙ୍କେତ



Garvit Odia ଗର୍ବିତ ଓଡ଼ିଆ 5 ଦିନ ପୂର୍ବେ

କିଏ ବିଜେଡ଼ିର ନେତୃତ୍ୱ ନେବାକୁ ଫିଟ୍ ? #odishapolitics

4.2ହଟି ମତଦାନ

| | |
|---|---|
| ପ୍ରଣବ ପ୍ରକାଶ ଦାସ | 69% |
| ସୁଜାତା କାର୍ତ୍ତିକେୟନ | 18% |
| ଭିକେ ପାଣ୍ଡିଆନ୍ | 13% |

## ପକ୍ଷଚ୍ଛେଦନ ପରେ ଅବସର

ବିଜେପି ସରକାର ଆସିବା ପରେ ସୁଜାତାଙ୍କ ପକ୍ଷଚ୍ଛେଦନ କରାଯାଇଥିଲା। ଏମିତିକି ନିର୍ବାଚନ ସମୟରେ ତାଙ୍କୁ ବଦଳି କରାଯାଇଥିଲା । ପରେ ସୁଜାତା ଛଅ ମାସ ପାଇଁ ଛୁଟିରେ ରହିଥିଲେ। ପୁଣି ଥରେ ଛୁଟି ବଢ଼ାଇବାକୁ ସେ ଆବେଦନ କରିଥିଲେବି ସରକାର ତାହାକୁ ଗ୍ରହଣ କରିନଥିଲେ। ସେ ଜାଣିପାରିଥିଲେ, ଏ ସରକାରରେ ତାଙ୍କୁ ନା ଭଲ ବିଭାଗ ମିଳିବ, ନା ସମ୍ମାନ । ସେଥିପାଇଁ ୨୦୨୫ ମାର୍ଚ୍ଚରେ ସେ ସ୍ୱେଚ୍ଛାକୃତ ଅବସର ନେଇଗଲେ ।






# ୱେଲକମ୍ ସୁଜାତା

ବିଜେଡ଼ିର କିଛି ନେତା ଯେତେ ବାଡ଼େଇ କଚାଡ଼ି ହେଲେବି ନବୀନଙ୍କ ହୃଦୟରେ ପାଣ୍ଡିଆନ୍ ଓ ସୁଜାତା ଅଛନ୍ତି । ସେମାନଙ୍କୁ ନବୀନ ଝିଅ-ଜ୍ୱାଇଁ ନହେଲେ ପୁଅ-ବୋହୂ ଭଳି ଦେଖନ୍ତି ବୋଲି ଲୋକେ ଚର୍ଚ୍ଚା କରନ୍ତି । ବମ୍ବେ ହସପିଟାଲ ହେଉ ଅବା ସମ୍, ସବୁଠି ନବୀନଙ୍କ ପାଖରେ ସେମାନେ ଛାଇ ହୋଇ ରହିଛନ୍ତି ।

**ଯେହେତୁ ସୁଜାତା, ନବୀନଙ୍କ ଗେହ୍ଲା**
**ସେଥିପାଇଁ କିଛି ନେତା କହୁଛନ୍ତି ୱେଲକମ୍**

ଆଜିକା ଦିନରେ ବିଜେଡ଼ିର ଅଧା ବିଧାୟକ ଆଉ ଅଧା ପାୱାରଫୁଲ ନେତା ପାଣ୍ଡିଆନଙ୍କ କରୁଣାରୁ ହିଁ ଟିକେଟ୍ ପାଇଛନ୍ତି । ରାଜନୀତିରେ ଆଗକୁ ବଢ଼ିଛନ୍ତି । ଦିନ ଥିଲା, ଠାକୁର କଲ୍ୟାଣ ନକଲେ ବି ଚଳୁଥିଲା, ହେଲେ ପାଣ୍ଡିଆନଙ୍କ କରୁଣା ନିହାତି ଲୋଡ଼ା ଥିଲା । ତାଙ୍କରି କରୁଣା ହେଲେ ଛପରଫାଡ଼ିକି ଭାଗ୍ୟ ଦେବୀ ଘରେ ପଶି ଯାଉଥିଲେ । ଏବେବି ବିଜେଡ଼ିରେ ପାଣ୍ଡିଆନପନ୍ଥୀ ନେତା ସାଲୁବାଲୁ ହେଉଛନ୍ତି ।

**ଯେହେତୁ ସେମାନେ ପାଣ୍ଡିଆନଙ୍କ ଫ୍ୟାନ୍,**
**ତେଣୁ ସୁଜାତାଙ୍କୁ ୱେଲକମ୍**

ଏମିତିବି ନବୀନ ବାବୁ ବିଜେଡ଼ିରେ ନେତାଙ୍କୁ ଉଠେଇବାର ସୁଯୋଗ ଦେଇନାହାନ୍ତି । ଆଜିକା ଦିନରେ ବବି ଦାସଙ୍କୁ ଛାଡ଼ିଦେଲେ, ଦଳର ସବୁ ଆଗଧାଡ଼ିର ନେତା ନିଜ ନିର୍ବାଚନମଣ୍ଡଳୀ, ନହେଲେ ଅତି ବେଶୀରେ ଜିଲ୍ଲା ଭିତରେ ସୀମିତ । ପ୍ୟାରୀଙ୍କ ସହିଦନଗର ଏକାଡ଼େମୀ ଛାତ୍ର ବୋଲି କୁହାଯାଉଥିବା ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଓ ଅତନୁ ସବ୍ୟସାଚୀ ନାୟକ ଏକଦା ରାଜ୍ୟସ୍ତରୀୟ ନେତା ଦିଗରେ ଗତି କରୁଥିଲେ । ହେଲେ ପ୍ୟାରୀ ବିଦା ହେବା ପରେ ସେମାନେ ବି ଫ୍ୟୁଜ୍ ହୋଇ ସାରିଛନ୍ତି । ଆଉ ବରିଷ୍ଠ ନେତାଙ୍କ କଥା ନକହିବା ଭଲ । କିଛିନେତା ତ ଗତ ନିର୍ବାଚନ ବେଳଠାରୁ ନିଜେ ଅବସର ନେଇ ନିଜ ପିଲାଙ୍କୁ ରାଜନୀତିକୁ ଆଣିବା ପାଇଁ ଯୋଜନା କରିଥିଲେ । ଏଭଳି ସ୍ଥିତିରେ କେତେକଙ୍କ ମତ ସୁଜାତା ଦାୟିତ୍ୱ ନେଲେ ମନ୍ଦ କ'ଣ ?

**ଓଡ଼ିଆ ଝିଅ, ଉଚ୍ଚଶିକ୍ଷିତ...**
**ସେଇଥିପାଇଁ ୱେଲକମ୍**



# ଗୋ-ବ୍ୟାକ୍

ଏବେ ବି ବିଜେଡ଼ିର ଅନେକ ନେତା ପାଣ୍ଡିଆନଙ୍କୁ ହିଁ ଚବିଶ ନିର୍ବାଚନର ଭିଲିଆନ୍ ବୋଲି ଭାବୁଛନ୍ତି । ଗାଁରେ ବି ଏମିତି ନ୍ୟାରେଟିଭ୍ ଅଛି । ପାଣ୍ଡିଆନଙ୍କ ଅଣଓଡ଼ିଆ ପ୍ରସଙ୍ଗକୁ ନେଇ ବିଜେପି ଅସ୍ମିତା କାର୍ଡ଼ ଖେଳିବାରୁ ବିଜେଡ଼ି ହାରିଗଲା ବୋଲି ଧାରଣାଟିଏ ବସା ବାନ୍ଧିଛି ।

**ସେଥିପାଇଁ ସୁଜାତା ଗୋ ବ୍ୟାକ୍**

୨୦୨୪ ନିର୍ବାଚନ ପରେ ଶଙ୍ଖ ଭବନରେ ପାଣ୍ଡିଆନ୍ ବିରୋଧୀ ନାରାବାଜି ହୋଇଛି । ଅନେକ ନେତା ଗଣମାଧ୍ୟମରେ ପାଣ୍ଡିଆନଙ୍କ ଉପରେ ବି ବର୍ଷିଛନ୍ତି । ସେମାନଙ୍କ ନାଁ ସବୁ ପାଣ୍ଡିଆନ ଟିପା ଖାତାରେ ଲେଖିକି ରଖିଛନ୍ତି । ସୁଜାତାଙ୍କୁ ଆଗକୁ ପଠାଇ, ପାଣ୍ଡିଆନ୍ ଗୋଟି ଚଳାଇଲେ ଏ ନେତାମାନଙ୍କ ପାଇଁ ଶଙ୍ଖ ଗେଟ୍ ବନ୍ଦ ହୋଇଯିବ ।

**ସେଥିପାଇଁ ସୁଜାତା ଗୋ-ବ୍ୟାକ୍**

**କ୍ୟାମ୍ପସରେ ନେତୃତ୍ୱର ଚାରା ରୋପଣ ହୁଏ । ସେହି ଚାରା ବଢ଼ି ରାଜ୍ୟ ଓ ଦେଶକୁ ନେତୃତ୍ୱ ଦେଇଥା'ନ୍ତି । ଧର୍ମେନ୍ଦ୍ର ପ୍ରଧାନ ହୁଅନ୍ତୁ କି ପୃଥ୍ୱୀରାଜ ହରିଚନ୍ଦନ, ଅରୁଣ ସାହୁ ହୁଅନ୍ତୁ କି ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅମର ଶତପଥି, ପ୍ରଶାନ୍ତ ଜଗଦେବ, ଉମା ସାମନ୍ତରାୟ, ପ୍ରିୟଦର୍ଶୀ ମିଶ୍ର, ଦେବାଶିଷ ପଟ୍ଟନାୟକ, ଶାରଦା ଜେନା, ସମୀର ଦାସ, ଅର୍ଚ୍ଚନା ନାୟକ... ଏହି ତାଲିକା ଅନେକ ଲମ୍ବା । ଛାତ୍ର ରାଜନୀତିରୁ ଆସି ଆଜି ସେମାନେ ବଡ଼ ନେତା ହେବାର ସୌଭାଗ୍ୟ ଲାଭ କରିଛନ୍ତି । ହେଲେ ୨୦୧୮ ରୁ କ୍ୟାମ୍ପସରେ ନିର୍ବାଚନ ବନ୍ଦ । ବିଜେଡ଼ି ହେଉକି ବିଜେପି ସରକାର, ସତେଯେମିତି ସମସ୍ତେ କ୍ୟାମ୍ପସ ନିର୍ବାଚନକୁ ଡରୁଛନ୍ତି । ଏନେଇ କ'ଣ କହନ୍ତି ଆମ ରାଜ୍ୟର ଛାତ୍ରନେତା ଓ ନେତ୍ରୀମାନେ...**

# କ୍ୟାମ୍ପସ୍‌କୁ ଡର !



## ସୁଚିନ୍ତିତ ବ୍ୟବସ୍ଥାକୃତ ଷଡ଼ଯନ୍ତ୍ର

୨୦୧୮ ପରଠାରୁ ଆମ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି । ତତ୍କାଳୀନ ବିଜେଡ଼ି ସରକାର ବାତ୍ୟା ଏବଂ କ୍ୟାମ୍ପସ ହିଂସାକୁ ଆଳ କରି ନିର୍ବାଚନ ବନ୍ଦ୍ କରିଚାଲିଲେ । ଏବେ ବିଜେପି କ୍ଷମତାସୀନ ହେଲା ସତ, କିନ୍ତୁ ପୂର୍ବ ସରକାରଙ୍କ ପଦାନୁଙ୍କ ଅନୁସରଣ କରି ଛାତ୍ର ସଂସଦ ନିର୍ବାଚନ କଲେ ନାହିଁ । ଶାସକ ଦଳର କେବଳ ନାମ ହିଁ ପରିବର୍ତ୍ତନ ହୋଇଛି, ନୀତି ନୁହେଁ । ଏବର୍ଷ ନିର୍ବାଚନ ହେବବୋଲି କୁହାଯାଉଥିଲେବି ଏଫଏମ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ଏବିଭିପି ନେତୃତ୍ୱଙ୍କ ସଂପୃକ୍ତି ପାଇଁ ସରକାର ୟୁଟର୍ଣ୍ଣ ନେଇଥିଲେ । ସରକାରଙ୍କ ଏହି ଛାତ୍ର ବିରୋଧି ନୀତି ରାଜ୍ୟର ଶହଶହ ନେତୃତ୍ୱର ଭ୍ରୂଣ ହତ୍ୟା କରିଚାଲିଛି । ଛାତ୍ର ସଂସଦ ନିର୍ବାଚନ ମାଧ୍ୟମରେ ସାଧାରଣ ପରିବାରର ପିଲାଙ୍କୁ ନେତୃତ୍ୱ ନେବାର ସୁଯୋଗ ମିଳିଥାଏ । ଛାତ୍ର ସଂସଦ ନିର୍ବାଚନ ନେଇ ଦେଶର ସର୍ବପ୍ରଥମ ଛାତ୍ର ସଂଗଠନ ଏଆଇଏସଏଫ ଆନ୍ଦୋଳନ କରିବ । ଭୟଙ୍କର ସ୍ଥିତି ଉପୁଜିବା ପୂର୍ବରୁ, ସରକାର ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରନ୍ତୁ ।



**-ସଂଘମିତ୍ରା ଜେନା, ସଭାପତି, ଏଆଇଏସଏଫ**

## ନିର୍ବାଚନ ବନ୍ଦ ଗ୍ରହଣୀୟ ନୁହେଁ

ଏକ ଅଣ ରାଜନୈତିକ ଛାତ୍ର ସଂଗଠନ ହୋଇଥିଲେବି ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ ବିଶ୍ୱର ସର୍ବବୃହତ୍ ଛାତ୍ର ସଂଗଠନ ଭାବେ ପରିଣତ ହୋଇଛି । ଛାତ୍ର ସଂସଦ ନିର୍ବାଚନ ସମାଜ ନେତୃତ୍ୱର ମୂଳଦୁଆ ଭାବେ ସର୍ବବିଦିତ । ଛାତ୍ର ନେତୃତ୍ୱର ବିକାଶ ପାଇଁ ଏବିଭିପି କାମ କରିଆସୁଛି । ଦେଶର ସର୍ବାଧିକ କ୍ୟାମ୍ପସରେ ଆଜି ଏବିଭିପି ପ୍ରଥମ ପସନ୍ଦ । ବିଗତ ବର୍ଷମାନଙ୍କରୁ ଓଡ଼ିଶାର ଶିକ୍ଷା ପରିସରରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହେବା ଆଦୌ ଗ୍ରହଣୀୟ ନୁହେଁ । ଏହା ବିଦ୍ୟାର୍ଥିର ସାମ୍ବିଧାନିକ ଅଧିକାର । ପୂର୍ବରୁ ବିଜେଡ଼ି ସରକାର ବିଦ୍ୟାର୍ଥୀ ପରିଷଦ ଡରରେ କ୍ୟାମ୍ପସ୍‌ର ଶୈକ୍ଷିକ ବାତାବରଣକୁ ଅଶାନ୍ତ କରି ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିଥିଲେ । ୨୦୨୪ରେ ଛାତ୍ର ସମାଜ ଏହାର ଜବାବ ଦେଇଥିଲେ । ଆଜିବି ଛାତ୍ର ସଂସଦ ନିର୍ବାଚନ ହେଲେ ବିଦ୍ୟାର୍ଥୀ ପରିଷଦ ଓଡ଼ିଶାର ସମସ୍ତ କ୍ୟାମ୍ପସମାନଙ୍କରେ ନିର୍ବାଚନ ଜିତିବ । ନୂତନ ସରକାର ଛାତ୍ର ସଂସଦ ନିର୍ବାଚନ ଘୋଷଣା କରିଥିଲେ ମଧ୍ୟ ଦୀର୍ଘ ଦୁଇ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ହେବା ସୁସ୍ଥ ଶୈକ୍ଷିକ ବାତାବରଣ ନିମନ୍ତେ ଶୁଭଙ୍କର ନୁହେଁ । ବିଦ୍ୟାର୍ଥୀ ପରିଷଦ ଦୃଢ଼ତାର ସହିତ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଦାବି କରୁଛି । ପୁନର୍ବାର ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ କରି ସରକାର ନେତୃତ୍ୱ ସୃଷ୍ଟି କରନ୍ତୁ ।



**-ଦୀପ୍ତିମୟୀ ପ୍ରତିହାରୀ, ରାଜ୍ୟ ସମ୍ପାଦକ ଏବିଭିପି ଓଡ଼ିଶା**

## ଛାତ୍ରଙ୍କୁ ... କରି ... କଲି...



୧୧ ବର୍ଷ ତଳେ ବର୍ଷକୁ ୨ କୋଟି ଚାକିରି କଥା କହିକି କେନ୍ଦ୍ରରେ ସରକାରକୁ ଆସିଥିଲେ । ୨୨ କୋଟି ଚାକିରି ଅର୍ଥ ଓଡ଼ିଶା ଭାଗରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଚାକିରି ପଡିବା କଥା । ହେଲେ ଏ ପ୍ରତିଶ୍ରୁତି ପାଳନ କରିବାରେ ସରକାର ବିଫଳ ହୋଇଛନ୍ତି । ବିଗତ ଦେଢ଼ ବର୍ଷ ମଧ୍ୟରେ ଗୋଟିଏ ବି ପରୀକ୍ଷା ଠିକ୍ ଭାବରେ କରିପାରିଲେ ନାହିଁ । ସ୍କଲାରସିପ୍, ନୂଆ-ଓ ସ୍କଲାରସିପ୍, ଛାତ୍ରବୃତ୍ତିଟିଏ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଯୋଗାଇବାରେ ବିଫଳ ଡବଲ ଇଞ୍ଜିନ ସରକାର । ଆଜିର ସମୟରେ ଓଡିଶାରେ ସବୁଠାରୁ ଅସୁରକ୍ଷିତ, ଛାତ୍ରଛାତ୍ରୀ । କଲେଜ



# ହାରିଯିବେ ବୋଲି ନିର୍ବାଚନ ବନ୍ଦ

ବିରୋଧରେ ଥିବାବେଳେ ଏବିଭିପି ଓ ବିଜେପି ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ କରିବାକୁ ଦାବି ହେଉଥିଲା। ବିଜୁ ଜନତା ଦଳର ୨୪ ବର୍ଷ ଶାସନ କାଳରେ କେବଳ କୋଭିଡ ଏବଂ ବାତ୍ୟା କେତେ ବର୍ଷକୁ ଛାଡିଦେଲେ ବାକି ବର୍ଷ ଛାତ୍ର ସଂସଦ ନିର୍ବାଚନ କରାଇଛି । କିନ୍ତୁ ବିଜେପି ଯେଉଁ ବର୍ଷ ସରକାରକୁ ଆସିଲା ସେତେବେଳେ ନିର୍ବାଚନ କଲା ନାହିଁ । ପର ବର୍ଷ ବି ଛାତ୍ର ନିର୍ବାଚନ କରିପାରିଥାନ୍ତା। ଆଇନ୍ ମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ କହିଲେ ଛାତ୍ର ସଂସଦ ନିର୍ବାଚନ ହେବ । କିନ୍ତୁ ହେଲାନାହିଁ କାହିଁକିନା ସରକାର ଓ ବିଜେପି କ୍ୟାମ୍ପସ୍‌କୁ ଡରୁଛନ୍ତି । ପ୍ରତି କଲେଜ୍‌ରେ ବିଜେଡ଼ିର ଦୃଢ଼ ସଙ୍ଗଠନ ରହିଛି । ନବୀନଙ୍କ ପ୍ରତି ଛାତ୍ରଛାତ୍ରୀମାନଙ୍କ ମନରେ ଅନେକ ଭଲପାଇବା ଅଛି । ତେଣୁ ଛାତ୍ର ବିଜେଡିକୁ ଏଠାରେ ହରାଇବା କଷ୍ଟ ହେବ ଜାଣି ସରକାର ଛାତ୍ର ସଂସଦ ନିର୍ବାଚନ କରୁନାହାନ୍ତି । ଓଡ଼ିଶାର ଯେକୌଣସି କଲେଜ ହେଉ ସବୁଠାରେ ଏବିଭିପି ଓ ବିଜେପିର ଭିନ୍ନଭିନ୍ନ ଛାତ୍ରଗୋଷ୍ଠୀ ରହିଛନ୍ତି । ବିଜେପି ସରକାର ଏକ ସର୍ଭେ କରାଇଥିଲେ, ଯେଉଁ ସର୍ଭେରେ ବିଜେପି ଓ ଏବିଭିପି ଛାତ୍ର ସଙ୍ଗଠନର ଦୁର୍ବଳ ସ୍ଥିତି ସମ୍ପର୍କରେ ଜାଣିବା ପରେ ସରକାର ନିର୍ବାଚନକୁ ବନ୍ଦ କରିଦେଇଛନ୍ତି ।

**-ଇପ୍ସିତା ସାହୁ, ସଭାପତି, ବିଜୁ ଛାତ୍ର ଜନତା**




# ବିଜେଡ଼ି-ବିଜେପିର 'ନେତା ଭ୍ରୁଣ ହତ୍ୟା' ସ୍କିମ୍

ଏକଛତ୍ରବାଦ ଶାସନ ଓ ସ୍ୱଜନ ପୋଷଣ ଉଦ୍ଦେଶ୍ୟରେ ଛାତ୍ର ସଂସଦ ନିର୍ବାଚନକୁ କଣ୍ଟା ଭାବି ରାସ୍ତାରୁ ହଟାଇବାକୁ ସୁଚିନ୍ତିତ ଷଡଯନ୍ତ୍ର କରିଥିଲେ ପୂର୍ବ ସରକାର। ବାପା ପରେ ପୁଅ, ବ୍ୟବସାୟୀ ସହଯୋଗୀ ଓ କିଛି ଆଜ୍ଞାଧୀନ ପ୍ରଶାସନିକ ଅଧିକାରୀଙ୍କୁ ରାଜନୀତିରେ ପାରାଚ୍ୟୁଟ ଲାଣ୍ଡିଙ୍ଗ୍ କରାଇବା ଉଦ୍ଦେଶ୍ୟରେ ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରି ନେତା ଭ୍ରୁଣ ହତ୍ୟା ଯୋଜନାର ଆରମ୍ଭ କରିଥିଲେ ତତ୍କାଳୀନ ନମ୍ବର ଟୁ । ଆଉ ଏହି ଷଡଯନ୍ତ୍ରର ମୁ ଖ୍ୟ ଥିଲେ ବାଣୀ ବିହାର ସଭାପତିରୁ ରାଜନୈତିକ ଯାତ୍ରା ଆରମ୍ଭ କରିଥିବା ତତ୍କାଳୀନ ଉଚ୍ଚଶିକ୍ଷା ମନ୍ତ୍ରୀ ଡକ୍ଟର ଅରୁଣ କୁମାର ସାହୁ । 'ଭାଇ ଜନ୍ମ ହେଲେ ସିନା ଭାଗ କରିବ, ତା ଆଗରୁ ବାପାର ବନ୍ଧ୍ୟା କଲେ କଥା ସରିଲା' ନ୍ୟାୟରେ ଉଚ୍ଚଶିକ୍ଷା ବିଭାଗ ଦୀର୍ଘ ପାଞ୍ଚ ବର୍ଷ ଧରି ଛାତ୍ରମାନଙ୍କ ହକ୍ ଆଉ ଅଧିକାର - ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ ରଖିଲା । ତଥାକଥିତ ଛାତ୍ର ସଂସଦ ଲଢ଼ି ରାଜନୀତିରେ ଆସିଥିବା ଆଜିର ଯୁବଛାତ୍ରର ମୁଖ୍ୟମାନେ ନିଗମ ଓ ବୋର୍ଡ ଦାୟିତ୍ୱରେ ରହି ସରକାରୀ ଦରମା ଓ ଗାଡି ଲୋଭରେ ହଁ ରେ ହଁ ମିଶାଇ ନିରବ ରହିଲେ । ପୁଞ୍ଜିଭୂତ ଛାତ୍ର ଅସନ୍ତୋଷ ସରକାର ବଦଳାଇଲା, କିନ୍ତୁ ନୂଆ ସରକାର ମଧ ସେଇ ରାସ୍ତାରେ । ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ନାନା ପ୍ରକାର ମନ୍ତବ୍ୟ ଦେଉଛନ୍ତି କିନ୍ତୁ ଦୁଇ ବର୍ଷ ହେବ ହେଇ ପାରୁନି ଛାତ୍ର ସଂସଦ ନିର୍ବାଚନ । ଏହା ଅପାରଗତା, ଅବହେଳା ନା ସରକାରୀ ଷଡଯନ୍ତ୍ର । ଛାତ୍ରଙ୍କ ହକ୍ ଆଉ ଅଧିକାର 'ଛାତ୍ର ସଂସଦ' ଫେରାଇବାକୁ ଆମେ ଲଢେଇ ଲଢିଛୁ ଓ ସଫଳତା ପାଇବା ଯାଏ ଲଢ଼ିବୁ ।

**-ବିଭୁତି ଭୂଷଣ ମହାପାତ୍ର, ଛାତ୍ର କଂଗ୍ରେସ**







# ...ଁ ସାମ୍ନା ...ବାର ...ା ନାହିଁ

କ୍ୟାମ୍ପସ୍‌ଗୁଡିକରେ ଗୁଣ୍ଡାଗର୍ଦ୍ଦିର ଚରମ ସୀମା ଟପି ସାରିଲାଣି। ଅବହେଳିତ ଶ୍ରେଣୀରେ ଛାତ୍ରଛାତ୍ରୀମାନେ ଥିବାରୁ ଆଜିର ସମୟରେ ସରକାରଙ୍କ କଲିଜା ନାହିଁ ଯେ ଛାତ୍ରଛାତ୍ରୀ ଓ ଯୁବ ସମାଜଙ୍କର ସାମ୍ନା କରିବା ପାଇଁ । ନିଜ ସଙ୍ଗଠନ ମଧ ଫାଳ ଫାଳ ହୋଇସାରିଛି । ଯୁବମୋର୍ଚ୍ଚା ଆଉ ଏବିଭିପି ମଧ୍ୟରେ ଫାଟ ଓଡିଶାବାସୀଙ୍କୁ ଜଳ ଜଳ କରି ଦିଶିଲାଣି । ତେଣୁ କରି ବାରମ୍ବାର କ୍ୟାମ୍ପସ୍ ରାଜନୀତି ଅନୁଷ୍ଠିତ କରିବା ପାଇଁ ପ୍ରତିଶ୍ରୁତି ଦେଉଥିଲେ ବି କରୁନାହାନ୍ତି । ହାରିବାର ଭୟ ସେମାନଙ୍କୁ ଘାରିଲାଣି ।

**-ଚିନ୍ମୟ ସାହୁ, ସଭାପତି, ବିଜୁ ଯୁବ ଜନତା ଦଳ**

# କ୍ଷମା କରିବେନି ଛାତ୍ର ସମାଜ

ଗଣତନ୍ତ୍ରରେ ଯୁବ ଓ ଛାତ୍ରମାନଙ୍କର ଭୂମିକା ସଦାସର୍ବଦା ଗୁରୁତ୍ୱପୂର୍ଣ୍ଣ। ବିଗତ ସରକାର ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରି ଯେଉଁ ଐତିହାସିକ ଭୁଲ୍ କରିଛନ୍ତି, ତାହାକୁ କୌଣସି ଛାତ୍ର ସମାଜ କ୍ଷମା କରିବ ନାହିଁ। ସାଧାରଣ ପରିବାରର ଯୁବ ଛାତ୍ରମାନେ ପ୍ରତିନିଧିତ୍ୱ ନକରନ୍ତୁ, ସେଥିପାଇଁ ଯେଉଁମାନେ ଷଡ଼ଯନ୍ତ୍ର କରୁଛନ୍ତି, ସେମାନେ ଗଣତନ୍ତ୍ର ବିରୋଧୀ। ୨୦୧୮ ମସିହା ପରେ ଓଡ଼ିଶାର ସ ମ ସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନିର୍ବାଚନ ବନ୍ଦ ହୋଇଥିଲା ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିବା ଶୁଭଙ୍କର ନୁହେଁ । କାହା ସ୍ୱାର୍ଥରେ ଏବଂ କାହା ଚାପର ଛାତ୍ର ସଂସଦ ନିର୍ବାଚନ ବନ୍ଦ ହୋଇଛି ତାହା ଏବେବି ପ୍ରଶ୍ନବାଚୀ? ଗଣତନ୍ତ୍ରର ମୂଲ୍ୟବୋଧକୁ ହତ୍ୟା ନକରି ରାଜ୍ୟ ସରକାର ଶାନ୍ତି ଶୃଙ୍ଖଳାର ସହିତ ଛାତ୍ର ସଂସଦ ନିର୍ବାଚନ କରନ୍ତୁ । ଛାତ୍ର ସଂସଦ ନିର୍ବାଚନ ବନ୍ଦ ଷଡ଼ଯନ୍ତ୍ର, ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ୧୮ ବର୍ଷର ଜଣେ ଭୋଟ ଦେଇପାରିବ, ହେଲେ କ୍ୟାମ୍ପସରେ ସେ ନେତା ଚୟନ କରିପାରିବ ନାହିଁ । ସାଧାରଣ ଘରର ପିଲାଟିଏ ନେତା ନହେଉ, ଏହାକୁ ନେଇ ଏକ ବିରାଟ ଷଡ଼ଯନ୍ତ୍ର ଚାଲିଛି। ଯୁବଛାତ୍ର କ୍ରାନ୍ତି ସେନାର ଦାବି ଶାନ୍ତି ଓ ଶୃଙ୍ଖଳା ସହିତ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ କରନ୍ତୁ ।

**-ଇଂ ପାର୍ଥସାରଥି ମୁଦୁଲି, ଆବାହକ, ଯୁବ ଛାତ୍ର କ୍ରାନ୍ତି ସେନା**

## ବେଗୁନିଆ କଂଗ୍ରେସ

# ହାତରେ ରେଖା ଦିଶୁନି

## ଜାନକୀଙ୍କ ପରେ ଖାତା ଖୋଲିନି

ଖୋର୍ଦ୍ଧାରୁ ଗୋବିନ୍ଦ ଚନ୍ଦ୍ର ପଣ୍ଡା

ବେଗୁନିଆ କଂଗ୍ରେସ ଏବେ ଯେଉ ତିମିରେକୁ ସେଇ ତିମିରେ। ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପରେ ଦଳ ଆଉ ଖାତା ଖୋଲିପାରିନି। ସେବେଠାରୁ କଂଗ୍ରେସ ୪ ଥର ନିର୍ବାଚନ ଲଢ଼ିଥିବାବେଳେ ଚାରିଥର ଯାକ ପରାଜୟର ସାମ୍ନା କରିଛି। ସବୁଠାରୁ ବଡ଼ କଥା ହେଲା, ଜାନକୀଙ୍କ ଖାସ୍ ଅନୁଗତ ପ୍ରଦୀପ ସାହୁ କଂଗ୍ରେସରୁ ଦୁଇଥର ଲଢ଼ି କଡ଼ା ଟକ୍କର ଦେଇଥିବାବେଳେ ତାଙ୍କ ବିନା କଂଗ୍ରେସର ଅମାନତ ବି ରହିପାରିନାହିଁ। ୨୦୦୯ରେ ବେଗୁନିଆରୁ ପ୍ରଥମ ଥର ପାଇଁ କଂଗ୍ରେସ ଟିକେଟ୍ ପାଇଥିଲେ ପ୍ରଦୀପ ସାହୁ। ସେହି ସମୟରେ ରାଜ୍ୟ କଂଗ୍ରେସର ଅନେକ ନେତାଙ୍କୁ ଟିକେଟ ମିଳିନଥିଲା। ଯେଉ ତାଲିକାରେ ଜାନକୀବାବୁ ବି ଥିଲେ। ଅପରପକ୍ଷରେ କୈଳାସ ମହାପାତ୍ର, ତାରା ପଟ୍ଟନାୟକ, ଜାନକୀ ବଲ୍ଲଭ ପାଢ଼ୀଙ୍କ ଅପେକ୍ଷା ଜାନକୀବାବୁ ପ୍ରଦୀପଙ୍କ ଉପରେ ଭରସା କରିଥିଲେ। ପଟ୍ଟନାୟକ ପରିବାର ସବୁବେଳେ ବେଗୁନିଆ ଆସନକୁ ନିଜ ହାତରେ ରଖିବାକୁ ଚାହୁଁଥିଲେ। ମାନେ ପ୍ରଦୀପ ବିଧାୟକ ହୋଇଥିଲେ, ପରବର୍ତୀ ନିର୍ବାଚନ ବେଳକୁ ସେ ବାଟ ଛାଡ଼ିବାକୁ ଅନାଗ୍ରହ ପ୍ରକାଶ କରିନଥାନ୍ତେ । କିନ୍ତୁ କୈଳାସ, ତାରା କି ଜାନକୀ ସେତିକି ବିଶ୍ୱସ୍ତ ରହିନଥା'ନ୍ତେ। ଯେଉଥିପାଇଁ ଜାନକୀଙ୍କ ଉପରେ ଖପ୍ପା ହୋଇ କୈଳାସ ମହାପାତ୍ର ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇଥିଲେ। ଯଦି କୈଳାସ ଠିଆ ହୋଇନଥା'ନ୍ତେ ତେବେ ୨୦୦୯ରେ ପ୍ରଦୀପ ପ୍ରଥମ ଥର ପାଇଁ ବିଧାନସଭା ଯାଇପାରିଥା'ନ୍ତେ। 2014 ବେଳକୁ ଜାନକୀଙ୍କ ଜ୍ୱାଇଁ ସୌମ୍ୟରଞ୍ଜନ ପଟ୍ଟନାୟକ କଂଗ୍ରେସରୁ ବିଦା ହେବା ପରେ ଆମ ଓଡ଼ିଶା ଦଳ ଗଠନ କରିଥିଲେ । ଜାନକୀଙ୍କ ପରାମର୍ଶରେ ପ୍ରଦୀପ ସାହୁ 'ହାତ' ଛାଡ଼ି ମାଠିଆ ହୋଇଗଲେ। ସେପଟେ ବାଙ୍କୀରେ ସ୍ଥିତି ଟଳମଳ ଥିବାରୁ ଦେବାଶିଷ ପଟ୍ଟନାୟକ ନିଜର ଦିଲ୍ଲୀ ଲବି ଜରିଆରେ ବେଗୁନିଆ କଂଗ୍ରେସ ଟିକେଟ୍ ହାତେଇ ନେଇଥିଲେ। ସେହି ସମୟରେ ପ୍ରଶାନ୍ତ ଜଗଦ୍ଦେବ ଓ ଦେବାଶିଷ ପଟ୍ଟନାୟକଙ୍କ ମଧ୍ୟରେ ଭିତିରିଆ ବୁଝାମଣା ବି ହୋଇଥିଲା। ୨୦୦୪ରେ ପ୍ରଶାନ୍ତ ଜଗଦ୍ଦେବ କଡ଼ା ଟକ୍କର ଦେଇ ଜାନକୀ ବାବୁଙ୍କ ଠାରୁ ଅଳ୍ପ ଭୋଟରେ ହାରି ଯାଇଥିଲେ। ୨୦୦୯ରେ ମେଂଟ ପାଇଁ ଏନସିପି ଟିକେଟରେ ପ୍ରଶାନ୍ତ ନନ୍ଦ ଲଢ଼ିଥିଲେ । ତେଣୁ ୨୦୧୪ରେ ବିଜେଡ଼ି ଟିକେଟ ନମିଳିଲେ ସେ ଦେବାଶିଷଙ୍କୁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସୌଭାଗ୍ୟବଶତଃ ସେଥର ଗଣେଶଙ୍କୁ ଟିକେଟ ମିଳିବାରୁ ଦେବାଶିଷଙ୍କ ଆଶାରେ ପାଣି ପଶି ଯାଇଥିଲା। ଜାନକୀ କଂଗ୍ରେସର ନେତାମାନେ ପ୍ରଦୀପଙ୍କ ସହ ଥିବାରୁ ଦେବାଶିଷ ବହୁ କଷ୍ଟରେ ୨୦୬୮୯ ଖଣ୍ଡ ଭୋଟ୍ ପାଇଥିଲେବି ୧୪.୩୯% ଭୋଟ ପାଇ ଅମାନତ ହରାଇଥିଲେ । ତେବେ କଂଗ୍ରେସ ଭୋଟ୍ ବିଭାଜନ କାରଣରୁ ଗଣେଶଙ୍କୁ ଏକ ବିଶାଳ ବିଜୟ ମିଳିପାରିଥିଲା। ୨୦୧୯ ବେଳକୁ ବିଜେଡ଼ିରେ ସୌମ୍ୟଙ୍କ ଆମ ଓଡ଼ିଶା ବିଲୟ ହୋଇଯାଇଥିଲା । ସେହି ସମୟରେ ସୌମ୍ୟଙ୍କ ସହ ଥିଲେ ପ୍ରଦୀପ । ତାଙ୍କ ପାଇଁ ବିଜେଡ଼ି ଟିକେଟ୍ ସକାଶେ ସେ ଖୁବ ଲବି କରିଥିଲେବି ତାହା ସମ୍ଭବପର ହୋଇନଥିଲା। ଅପରପକ୍ଷରେ ନିରଞ୍ଜନ ପଟ୍ଟନାୟକ ପିସିସି ସଭାପତି ଥିବାରୁ ଜାନକୀଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କୁ ଟିକେଟ୍ ଦେଇଥିଲେ । ସେପଟେ ପ୍ରଦୀପଙ୍କୁ ବିଜେଡ଼ି ଟିକେଟ ନମିଳିବାରୁ ସୌମ୍ୟଙ୍କ ଲବି ଯୋଗୁଁ ନିରଞ୍ଜନ ବାବୁ ପୃଥ୍ୱୀବଲ୍ଲଭଙ୍କ ଟିକେଟ କାଟି ପୁଣି ପ୍ରଦୀପଙ୍କୁ କଂଗ୍ରେସ ଟିକେଟ୍ ଦେଇଥିଲେ । ସେ ସମୟରେ ବେଗୁନିଆ ବିଜେଡ଼ି ରାଜନୀତି ନୂଆ ମୋଡ଼ ନେଇଥିଲା । ଗଣେଶଙ୍କୁ ଚିଲିକାକୁ ପଠାଇ ରାଜେନ୍ଦ୍ର ସାହୁଙ୍କୁ ବିଜେଡ଼ି ବେଗୁନିଆ ଟିକେଟ୍ ଦେଇଥିଲା । ଭଲ ଟକ୍କର ଦେଇଥିଲେବି କଂଗ୍ରେସକୁ

| | | |
|---|---|---|
| ୨୦୦୦ | କୈଳାସ ମହାପାତ୍ର | ୪୩୭୨୩ (୪୦.୬୯%) |
| ୨୦୦୪ | ଜାନକୀ ବଲ୍ଲଭ ପଟ୍ଟନାୟକ | ୫୯୬୫୮ (୪୭.୦୪%) |
| ୨୦୦୯ | ପ୍ରଦୀପ ସାହୁ | ୩୪୭୩୮(୨୯.୬୬%) |
| ୨୦୧୪ | ଦେବାଶିଷ ପଟ୍ଟନାୟକ | ୨୦୬୮୯ (୧୪.୩୯%) |
| ୨୦୧୯ | ପ୍ରଦୀପ କୁମାର ସାହୁ | ୫୩୧୩୦ (୩୪.୧୬%) |
| ୨୦୨୪ | ପୃଥ୍ୱୀବଲ୍ଲଭ ପଟ୍ଟନାୟକ | ୧୮୧୪୪(୧୧.୪୬%) |

ହାଟ୍ରିକ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା । ୨୦୨୪ ବେଳକୁ ସବୁ ଅଙ୍କ ବଦଳି ଯାଇଥିଲା । ପ୍ରଦୀପ ସାହୁ ସୌମ୍ୟଙ୍କୁ ଛାଡ଼ି ବିଜେଡ଼ି କ୍ୟାମ୍ପକୁ ପଳାଇ ଯାଇଥିଲେ। ଅନେକ ପ୍ରୟାସ ପରେ ଆଜିକା ଦିନର ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ସେଟିଂରେ ତାଙ୍କୁ ବିଜେଡ଼ି ଟିକେଟ୍ ମିଳିଥିଲା। କଂଗ୍ରେସ ବସ୍ତୁତଃ ନେତୃତ୍ୱଶୂନ୍ୟ ହୋଇ ଯାଇଥିଲା । ପ୍ରଦୀପଙ୍କ ପାଖରେ ଥିବା କଂଗ୍ରେସର ୩୦ ହଜାର ଭୋଟ୍ ବ୍ୟାଙ୍କ ବିଜେଡ଼ିକୁ ପଳାଇଥିଲା। ପୃଥ୍ୱୀବଲ୍ଲଭ ପଟ୍ଟନାୟକ ବାପାଙ୍କ ବେଗୁନିଆ ଆସନରୁ ପ୍ରଥମ ଥର ପାଇଁ ଟିକେଟ ପାଇଥିଲେ । ଜାନକୀବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ୧୯୯୫ ଉପନିର୍ବାଚନରେ ବେଗୁନିଆରୁ ଲଢ଼ି ବାଜିମାତ୍ କରିଥିବାବେଳେ ୨୦୦୪ରେ ବିଜୟୀ ହୋଇ ବିରୋଧୀ ଦଳ ନେତା ହୋଇଥିଲେ। ତେବେ ବାପାଙ୍କ ଆସନରୁ ପୃଥ୍ୱୀବଲ୍ଲଭ ଲଢ଼ି ମାତ୍ର ୧୮୧୪୪ ଖଣ୍ଡ ଭୋଟ୍ ପାଇ ଅମାନତ ହରାଇଥିଲେ । ସେପଟେ କୈଳାସ ମହାପାତ୍ରଙ୍କ ପୁଅ ସଦାଶିବ ମହାପାତ୍ର ଦୁଇ ଦୁଇ ଥର ଟିକେଟ୍ ଆଶାୟୀ ରହି ନିରାଶ ହୋଇଛନ୍ତି ।





ଏବେବି ସେ ଟିକେଟ୍ ରେସରେ ରହିଛନ୍ତି । ଆଗାମୀ ପଂଚାୟତ ନିର୍ବାଚନରେ ସଦାଶିବ ନିଜର ଦମ୍ ଦେଖାଇବାକୁ ଯୋଜନା କରୁଛନ୍ତି । ଅପରପକ୍ଷରେ ତାରା ପଟ୍ଟନାୟକ ଦୁଇ ଦଶନ୍ଧି ଧରି ବେଗୁନିଆରୁ କଂଗ୍ରେସ ଟିକେଟ ପାଇବାକୁ ରଣନୀତି କରୁଥିଲେବି ସଫଳ ହୋଇନାହାନ୍ତି । ତାଙ୍କ ପତ୍ନୀ ଜୟଶ୍ରୀ ପଟ୍ଟନାୟକ ବି ବେଗୁନିଆରୁ ଲଢ଼ିବାକୁ ଆଗ୍ରହୀ । ଆଗାମୀ ୨୦୨୯ରେ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ହେବା ଥିବାରୁ ବେଗୁନିଆକୁ ନେଇ ବି ସେ ଉାହିତ ହୋଇପଡ଼ିଛନ୍ତି । କଂଗ୍ରେସ ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ ବି ପୂର୍ବରୁ ଲବି କରୁଥିଲେ । ଇତିମଅùe ବେଗୁନିଆ ଲୋକଙ୍କ ମନୋଭାବ ବଦଳିବାରେ ଲାଗିଛି । ଯେଉ ଦଳ ଯାହାକୁବି ଟିକେଟ୍ ଦେଉ, ସେ ବେଗୁନିଆରୁ ହିଁ ହୋଇଥିବା ଦରକାର । ଅର୍ଥାତ୍ ୨୦୨୯ରେ ତିନି ଦଳ ମାଟିର ପୁଅଙ୍କୁ ହିଁ ଟିକେଟ୍ ଦେବାକୁ ବାଅ ହେବ । ମାଟିର ପୁଅଙ୍କୁ ହିଁ ଟିକେଟ୍ ଦେଲେ ଭଲ ଲଢ଼େଇ ହେବବୋଲି ବେଗୁନିଆ-ବୋଲଗଡ଼ର ଅନେକ ରାଜନେତା ମତପ୍ରକାଶ କରୁଛନ୍ତି ।

## କାହିଁକି ହାରୁଛି କଂଗ୍ରେସ ?

**ତୃଣମୂଳସ୍ତରରେ ସଂଗଠନ କରିବାକୁ ନେତୃତ୍ୱର ଅଭାବ । ବେଗୁନିଆ ରାଜନୀତି ଟିକେ ଅଲଗା ପ୍ରକାର । ଏଠି ପ୍ରଦୀପ ସାହୁ କିମ୍ବା ପ୍ରଶାନ୍ତ ଜଗଦ୍ଦେବଙ୍କ ଭଳି ଡୋର-ଟୁ-ଡୋର, ଗାଁକୁ ଗାଁ ବୁଲିବା ଭଳି ନେତା ହିଁ ଦରକାର । ବେଗୁନିଆ-ବୋଲଗଡ଼ବାସୀ ଏମିତି ଏକ ଫର୍ମାଟରେ ପଡ଼ି ସାରିଛନ୍ତି । କିନ୍ତୁ ଆଜିକାଦିନରେ ବେଗୁନିଆର କଂଗ୍ରେସ ନେତାମାନେ ନିତିଦିନ ବେଗୁନିଆ-ବୋଲଗଡ଼ ଯାଉନାହାନ୍ତି ।**

### ଦଳର କ୍ରେଜ୍ ନାହିଁ

କଂଗ୍ରେସର ଆଗଭଳି କ୍ରେଜ୍ ନାହିଁ । ବେଗୁନିଆ ଏକଦା କଂଗ୍ରେସର ଗଡ଼ ଥିଲା। ତେବେ କଂଗ୍ରେସିଆମାନେ ଏବେ ପ୍ରଦୀପ ସାହୁଙ୍କ ସହ ମିଶି ଶଙ୍ଖ ଫୁଙ୍କୁଛନ୍ତି । ସେମାନଙ୍କ ଘର ବାହୁଡ଼ା ପାଇଁ ସେଭଳି ଟାଣୁଆ ନେତା ବି ନାହାନ୍ତି । କେନ୍ଦ୍ର ଓ ରାଜ୍ୟରେ ସରକାର ନଥିବାରୁ ନେତାମାନେ ଆଉ କଂଗ୍ରେସକୁ ଫେରିବାକୁ ବି ଚାହୁଁନାହାନ୍ତି ।

### ଟିକେଟ ଚୟନ ଆହ୍ୱାନ

ନିର୍ବାଚନ ପୂର୍ବରୁ ଟିକେଟ ଦିଆଯାଉଥିବାରୁ କଂଗ୍ରେସର ସଂଗଠନ ବଢ଼ି ପାରୁନାହିଁ । 2000ରୁ ସବୁଥର ଟିକେଟ ବଦଳୁଛି । ତେଣୁ ନେତାମାନେ ଦ୍ୱନ୍ଦ୍ୱରେ ରହି, ସଂଗଠନ ଅପେକ୍ଷା ଲବି ଉପରେ ଫୋକସ କରୁଛନ୍ତି । ଦଳ ଯାହାକୁ ଟିକେଟ୍ ଦେବା କଥା ତାହା ଯଦି ଦୁଇ ବର୍ଷରୁ ସ୍ପଷ୍ଟ ଭାବେ ବାର୍ତ୍ତା ଦିଅନ୍ତା, ହୁଏତ କଂଗ୍ରେସର ହାତ ରେଖା ଆଉ ଫାକୁଟିଆ ନଦିଶି ଗାଢ଼ା ହୋଇପାରନ୍ତା ।



# ସୁନୀଲ ବିଜେପି ମୁହାଁ ! ଭାୟା ପ୍ରଭାତୀ ଓ ସମ୍ବିତ

ଓଡ଼ିଶାରେ ବିଜେପି ସରକାରଙ୍କର ମୁଖ୍ୟ ବିରୋଧି ହେଉଛି ବିଜେଡି। ତେଣୁ ଯେଉ ବିଧାନସଭା ଆସନଗୁଡିକରେ ବିଜେଡିର ବିଧାୟକମାନେ ବିଜୟୀ ହୋଇଛନ୍ତି ସେମାନେ ଦଳୀୟ ସଙ୍ଗଠନକୁ ମଜବୁତ କରିବା ସହ ତୃଣମୂଳ ନେତାମାନଙ୍କୁ ସହଯୋଗ ଯୋଗାଇଦେବେ ବୋଲି ଆଶା ରହିବା ସ୍ୱାଭାବିକ। ହେଲେ ପୁରୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଧାନସଭା କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି।

ପୁରୀରେ ବିଜେଡି ବିଧାୟକ ସୁନୀଲ ମହାନ୍ତି ନିଜ ଦଳ ବିଜେଡିର ବିଶ୍ୱସନୀୟତା ହରାଉଥିବାବେଳେ ଶାସକ ଦଳର ନିକଟବର୍ତ୍ତୀ ହେବା ପାଇଁ ଜୋରଦାର ଉଦ୍ୟମ କରୁଥିବା ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ନିକଟରେ ଶେଷ ହୋଇଥିବା ନୂଆପଡା ଉପନିର୍ବାଚନ ଠାରୁ ଆରମ୍ଭ କରି ଦଳର ଯେକୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉ ବିଜେଡି କିନ୍ତୁ ସୁନୀଲଙ୍କୁ ସେଥିରେ ସାମିଲ କରୁନାହିଁ। ଏଥିରୁ ରାଜ୍ୟ ନେତୃତ୍ୱ ତାଙ୍କ ଆସ୍ଥା ହରାଇଛନ୍ତି ବୋଲି କହିଲେ ଭୁଲ୍? ହେବନାହିଁ। ତେଣୁ ନିଜ ରାଜନୈତିକ ଭବିଷ୍ୟତ ସୁରକ୍ଷା କରିବା ପାଇଁ କ୍ଷମତା ରାଜନୀତିରେ ସେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ସାଂସଦ ସମ୍ବିତ ପାତ୍ରଙ୍କ ସହ ଭଲ ସମ୍ପର୍କରେ ଅଛନ୍ତି। ଅନେକ କାର୍ଯ୍ୟକ୍ରମରେ ସେମାନଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳୁଛି। ପ୍ରଶାସନିକସ୍ତରରେ ବିଚାର କଲେ ଉପମୁଖ୍ୟମନ୍ତ୍ରୀ ବା ସାଂସଦଙ୍କ ସହ ବିଧାୟକ ଏକ ମଞ୍ଚରେ ବସିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଏକ ସୁସ୍ଥ ଗଣତନ୍ତ୍ରର ଝଲକ ବୋଲି କୁହାଯାଇପାରେ। କିନ୍ତୁ ରାଜନୈତିକ ଭାବରେ ବିଚାର କଲେ କ୍ୟାଡର ଲୋକମାନଙ୍କ ପାଇଁ ଏହା ସୁସମ୍ବାଦ ନୁହେଁ । କାରଣ ପୁରୀ ଜିଲ୍ଲାରେ ବିଜେପି ନେତା ଜୟନ୍ତ ଷଡ଼ଙ୍ଗୀଙ୍କର ରାଜନୈତିକ ବିରୋଧି ହେଉଛନ୍ତି ସୁନୀଲ ମହାନ୍ତି । ସୁନୀଲଙ୍କୁ ବିଜେପି ଉପମୁଖ୍ୟମନ୍ତ୍ରୀ ଓ ସାଂସଦ ପ୍ରଶୟ ହେବା ପରୋକ୍ଷରେ ଜୟନ୍ତଙ୍କ ସମର୍ଥକଙ୍କ ନିକଟକୁ ଏକ ଭିନ୍ନ ବାର୍ତ୍ତା ଦେଉଛି। ଯାହା ଫଳରେ ତୃଣମୂଳ ସ୍ତରରେ ବିଜେପିକୁ ସମର୍ଥନ କରି ଜୟନ୍ତଙ୍କ ପଛରେ ଛିଡା ହୋଇଥିବା କର୍ମୀ ଦ୍ୱନ୍ଦରେ ପଡୁଛନ୍ତି । ପ୍ରଭାତୀ ପରିଡାଙ୍କୁ ନିର୍ବାଚନରେ ଜୟନ୍ତ ଷଡ଼ଙ୍ଗୀ ସହଯୋଗ କରିନଥିବା ଅନୁଭବ କରି ତାଙ୍କ ଠାରୁ ଦୂରେଇ ରହିବା ସହିତ ତାଙ୍କ ବିରୋଧି ସୁନୀଲ ମହାନ୍ତିଙ୍କୁ ନିଜର ନିକଟତର କରାଉଛନ୍ତି ପ୍ରଭାତୀ। ଖାଲିସେତିକି ନୁହେଁ ପୁରୀର ପ୍ରଶାସନିକ ଓ ବିଜେପି କାର୍ଯ୍ୟକ୍ରମରେ ଧିରେ ଧିରେ ଜୟନ୍ତଙ୍କ ପତିଆରା କମାଇବାକୁ ଚେଷ୍ଟା ହେଉଛି ବୋଲି ଜୟନ୍ତଙ୍କ ସମର୍ଥକ ଅଭିଯୋଗ କରୁଛନ୍ତି। ପୁରୀର ରାଜ୍ୟସଭା ସାଂସଦ ଶୁଭାଷିଶ ଖୁଣ୍ଟିଆ ବା ଲକି ଖୁଣ୍ଟିଆ ପୁରୀ ଜିଲ୍ଲାର ଜଣେ ପ୍ରଭାବଶାଳୀ ଯୁବ ସଙ୍ଗଠକ। ସେ ବିଜେଡିରୁ ରାଜ୍ୟସଭା ସାଂସଦ ଥିଲେବି ତୃଣମୂଳସ୍ତରରେ ରାଜନୀତି ପ୍ରତି ତାଙ୍କର ପ୍ରବଳ ଆଗ୍ରହ ରହିଛି। ଜୟନ୍ତ ଷଡ଼ଙ୍ଗୀ ପୂର୍ବରୁ ବିଜେଡିରେ ଥିଲେ। 2019 ପୂର୍ବରୁ ସେ ବିଜେପିରେ ଯୋଗ ଦେଇଥିଲେ। ପୁରୀ ଟାଉନ ଓ ପୁରୀ ସଦରରେ ତାଙ୍କର ନିଜସ୍ୱ ସଙ୍ଗଠନ ରହିଛି। ଏହି ସଙ୍ଗଠନଗୁଡିକ ସହାୟତାରେ ଜୟନ୍ତ ନିଜର ରାଜନୈତିକ କାର୍ଯ୍ୟକ୍ରମ କରୁଛନ୍ତି । ନିକଟରେ ଧର୍ମେନ୍ଦ୍ର ପ୍ରଧାନ ଯେତେବେଳେ ପୁରୀ ଆସିଥିଲେ ତାଙ୍କର ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜୟନ୍ତ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସେ ଧର୍ମେନ୍ଦ୍ରଙ୍କ ଗୋଷ୍ଠୀର ଲୋକ ହୋଇଥିବାରୁ ତାଙ୍କୁ ଦଳର କେତେକ ପ୍ରମୁଖ ନେତାଙ୍କ ସହଯୋଗ ମିଳୁନଥିବା ଅଭିଯୋଗ ହେଉଛି। ଗାଏମୋଟ୍? କହିଲେ ପୁରୀ ରାଜନୀତି ଏବେ ଛକାପଞ୍ଝା ଅବସ୍ଥାରେ ଅଛି । ଗୋଟିଏ ପଟେ ସୁନୀଲଙ୍କ ବଦଳରେ ବିଜେଡ଼ି ଟିକେଟ ପାଇଁ ଲକି ଖୁଣ୍ଟିଆ ଯୋଜନା କରୁଥିବାବେଳେ ଅପରପକ୍ଷରେ ବିଜେଡ଼ି ଟିକେଟ୍? ନଦେଲେ ବିଜେପି ଟିକେଟ ହାତେଇବା ପାଇଁ ସୁନୀଲ ବି ରଣନୀତି କରୁଥିବା ଚର୍ଚ୍ଚା ହେଉଛି। ସେପଟେ ଜୟନ୍ତ ଏବେ କ'ଣ କରିବେ ସେନେଇ ଦୋଛକିରେ ପଡ଼ିବା ସ୍ୱାଭାବିକ ।

# ଘରମୁହାଁ ବିଶ୍ୱ

୨୦୦୯, ୨୦୧୪, ୨୦୧୯ । ଯାଜପୁର ଥିଲା ବିଜୁ ଜନତା ଦଳର ଗଡ଼ । ହେଲେ 2024 ସବୁ ଅଙ୍କ ଗୋଳମାଳ କରିଦେଇଥିଲା। ବଡ଼ଚଣାରୁ ଅମର ନାୟକ, ସୁକିନ୍ଦାରୁ ପ୍ରଦୀପ ବଳ ସାମନ୍ତ, କୋରେଇରୁ ଆକାଶ ନାୟକ ବିଜେପି ଟିକେଟ୍‌ରେ ବାଜିମାତ୍ କରିଥିଲେ । ସେପଟେ ଧର୍ମଶାଳାରୁ ବିଜେପି ନେତା ହିମାଂଶୁ ଶେଖର ସାହୁ ସ୍ୱାଧୀନ ଭାବେ ଜିତିଥିଲେ। ବିଜେଡ଼ି ଟିକେଟ୍‌ରେ ବରିରୁ ବିଶ୍ୱରଞ୍ଜନ ମଲ୍ଲିକ, ଯାଜପୁରରୁ ସୁଜାତା ସାହୁ ଓ ବିଞ୍ଝାରପୁରରୁ ପ୍ରମିଳା ମଲ୍ଲିକ ବାଜିମାତ୍ କରିଥିଲେ।

ଏବେ ଯାଜପୁରରେ ବିଜେପିର ଶକ୍ତି ବଢ଼ିବାରେ ଲାଗିଛି। ଧର୍ମଶାଳାରୁ ବରି ଭାୟା ବଡ଼ଚଣା ଯାଏଁ ବିଜେଡ଼ି ଛାଡ଼ି ଗାଁନେତାମାନେ ବିଜେପି ମୁହାଁ ହେଲେଣି। ଏଭଳି ସମୟରେ ବରି ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ପୁଣି ଘରବାହୁଡ଼ା କରିବାକୁ ସଜବାଜ ହେଉଛନ୍ତି । ଗତ ନିର୍ବାଚନରେ ସେ ଲକ୍ଷାଧିକ ଭୋଟ୍ ପାଇ ରେକର୍ଡ଼ ସଂଖ୍ୟକ ଭୋଟରେ ନିର୍ବାଚିତ ହୋଇଥିଲେ ।

୨୦୧୪ରୁ ବରି ରାଜନୀତିରେ ଏକ ବଡ଼ ଶକ୍ତି ଭାବେ ବିଶ୍ୱ ଉଭା ହୋଇଛନ୍ତି। ଦେବାଶିଷ ନାୟକଙ୍କ ବିରୋଧରେ ସେ ସ୍ୱାଧୀନ ଭାବେ ଲଢ଼ି ୫୨୬୨୭ ଖଣ୍ଡ ଭୋଟ ପାଇବା ସହ ସମସ୍ତଙ୍କୁ ଚମକାଇ ଦେଇଥିଲେ। ପରେ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବିଜେପିରେ ମିଶିଥିଲେ। 2019ରେ ସେ ବିଜେପି ଟିକେଟରେ ଲଢି ମାତ୍ର 4 ହଜାର ଭୋଟରେ ହାରି ଯାଇଥିଲେ । ଅତଏବ 2024ରେ ବରିରୁ ପୁଣି ବିଶ୍ୱ ବିଜେପି ଟିକେଟରେ ଲଢ଼ିଥିଲେ ଜିତିବା ନିଶ୍ଚିତ ଥିଲା । କିନ୍ତୁ ରାଜନୀତିକ ଭବିଷ୍ୟତକୁ ଆଖିଆଗରେ ରଖି ବବିଙ୍କ ସହ ହାତ ମିଳାଇଥିଲେ ବିଶ୍ୱ। ଅବଶ୍ୟ ବିଜେଡ଼ିକୁ ଯିବା ପରେ ସେ ସାରା ରାଜ୍ୟରେ ରେକର୍ଡ଼ ଭୋଟରେ ଜିତିବାର ଗୌରବ ଅର୍ଜନ କରିଛନ୍ତି। କିନ୍ତୁ ଯାଜପୁରରେ ବିଜେପିର ଶକ୍ତି ବୃଦ୍ଧି ଓ ବିଜେଡ଼ିର ଶକ୍ତି ହ୍ରାସ ଦେଖି 2029 ପାଇଁ ବିଶ୍ୱ ସଜବାଜ ହେଉଛନ୍ତି । ଶଙ୍ଖ ଛାଡ଼ି ପୁଣି ଫୁଲ ଧରିବାକୁ ସେ ରଣନୀତି କରୁଛନ୍ତି। ଯାଜପୁର ସାଂସଦଙ୍କ ସହ ତାଙ୍କର ନିଘନ ସମ୍ପର୍କ ଥିବାବେଳେ ବିଜେପି ନେତା ମନୋଜ ମହାପାତ୍ରଙ୍କ ସହ ତାଙ୍କୁ ନିୟମିତ ଖଟି କରୁଥିବା ଦେଖିବାକୁ ମିଳୁଛି ।

ବିଶ୍ୱ ବିଜେପିକୁ ଯିବା ରାସ୍ତା ପ୍ରଶସ୍ତ କରିବା ପାଇଁ ବ୍ଲକ ଅଧ୍ୟକ୍ଷ । ବିଜେପିକୁ ପଠାଇ ସାରିଲେଣି ବୋଲି ଚର୍ଚ୍ଚା ହେଉଛି। ନୂଆପଡ଼ା ଉପନିର୍ବାଚନ ବେଳେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ିଙ୍କ ସହ ଅନେକ ସରପଞ୍ଚ ଓ ସମିତିସଭ୍ୟ ବିଜେପିରେ ଯୋଗ ଦେଇଥିଲେ। ବିଶ୍ୱଙ୍କର ଘନିଷ୍ଠ ନେତା ଦଳ ଛାଡ଼ି ବିଜେପିକୁ ଯିବା ଓ ବିଶ୍ୱ ବିବ୍ରତ ନହେବା ଘଟଣା ଅନେକ କିଛି ସଂକେତ ଦେଉଛି। ତେବେ ସାମ୍ପ୍ରତିକ ସମୟରେ ବିଶ୍ୱ ଦଳ ଛାଡ଼ିପାରିବେନି । ସେମିତି ହେଲେ ତାଙ୍କ ପଦ ପଳାଇବ। ତେବେ 2029 ପୂର୍ବରୁ ବିଶ୍ୱ ଯଦି ଶଙ୍ଖ ଫିଙ୍ଗିଦେଇ ପଦ୍ମଫୁଲ ଧରି ବୁଲନ୍ତି ତେବେ ଆଶ୍ଚର୍ଯ୍ୟ ହେବାର ନାହିଁ। ତେବେ ବିଶ୍ୱଙ୍କ ଘରବାହୁଡ଼ା ଖବର ବରିର ଅନେକ ବିଜେପି ନେତାଙ୍କ ନିଦ ହଜାଇଦେଇଛି।

**ସାମ୍ପ୍ରତିକ ସମୟରେ ବିଶ୍ୱ ଦଳ ଛାଡ଼ିପାରିବେନି । ସେମିତି ହେଲେ ତାଙ୍କ ପଦ ପଳାଇବ। ତେବେ ୨୦୨୯ ପୂର୍ବରୁ ବିଶ୍ୱ ଯଦି ଶଙ୍ଖ ଫିଙ୍ଗିଦେଇ ପଦ୍ମଫୁଲ ଧରି ବୁଲନ୍ତି ତେବେ ଆଶ୍ଚର୍ଯ୍ୟ ହେବାର ନାହିଁ। ତେବେ ବିଶ୍ୱଙ୍କ ଘରବାହୁଡ଼ା ଖବର ବରିର ଅନେକ ବିଜେପି ନେତାଙ୍କ ନିଦ ହଜାଇଦେଇଛି...**



ଗାଏମୋଟ୍ କହିଲେ ଯାଜପୁର ବିଜେଡ଼ି ଏବେ କୋମାରେ ରହିଛି। ବିଜେପିକୁ ଅଟକାଇବାର ବାଟ ମିଳି ପାରୁନାହିଁ। ହେଭିୱେଟ୍ ନେତା ବବି ଦାସ ଏବେ ଯାଜପୁର ଓ କୋରେଇ ଜଗିଥିବାବେଳେ ପ୍ରୀତି ରଞ୍ଜନ ଘଡ଼ାଇ ସୁକିନ୍ଦାରେ ବିଜୟର ରାସ୍ତା ଖୋଜୁଛନ୍ତି। ସେପଟେ ବଡ଼ଚଣା ବିଜେଡ଼ି ଏବେ ନେତୃତ୍ୱ ସଂକଟ ଦେଇ ଗତିକରୁଛି। ଲିକୁଙ୍କ ପ୍ରକୋପରେ ଜିତୁଙ୍କ ଶିବିରରେ ନୀରବତା ଛାଇଯାଇଛି। ତେବେ ଅସଲ ଲଢ଼େଇ ପଞ୍ଚାୟତ ନିର୍ବାଚନରେ ହିଁ ହେବ। ଅନେକ ପଞ୍ଚାୟତସ୍ତରୀୟ ବିଜେଡ଼ି ନେତା ଦଳ ଛାଡ଼ି ବିଜେପି ଯାଇଛନ୍ତି ସତ, ହେଲେ ବିଜେପି କେଉ ନେତାଙ୍କୁ ସମର୍ଥନ କରିବ, ତାହା ଉପରେ ଅନେକ କିଛି ନିର୍ଭର କରେ।

ଶାଶ୍ୱତ ଓଡ଼ିଆ

# ବଢୁଛି ଆଶ୍ରୀତଙ୍କ କ୍ରେଜ



୧୯୯୭ରେ ସରପଞ୍ଚ। ୨୦୦୭ରେ ବ୍ଲକ ଅଧ୍ୟକ୍ଷ। ୨୦୧୨ରେ ଜିଲ୍ଲା ପରିଷଦ। ବାସ୍ ଗ୍ରାଉଣ୍ଡରୁ ଲଢ଼ିଲଢ଼ି ଆଜି ପିପିଲିରେ ବେଶ୍ ଲୋକପ୍ରିୟ ହୋଇପାରିଛନ୍ତି ଆଶ୍ରୀତ ପଟ୍ଟନାୟକ। ୨୦୧୪ରେ କଂଗ୍ରେସ ଟିକେଟ ନପାଇବାରୁ ସ୍ୱାଧୀନ ଭାବେ ଲଢ଼ିଥିଲେ ଆଶ୍ରୀତ। ପ୍ରଦୀପ ମହାରଥି ଓ ଯୁଧିଷ୍ଠିର ସାମନ୍ତରାୟଙ୍କ ଭଳି ଟାଣୁଆ ନେତା ଲଢୁଥିଲେବି ୧୮ ହଜାର ଭୋଟ ସାଉଁଟିବା କିଛି ଛୋଟିଆ କଥା ନଥିଲା। କଂଗ୍ରେସରେ ସୁଯୋଗ ନଥିବାରୁ ୨୦୧୭ରେ ପଦ୍ମଫୁଲ ଧରିଥିଲେ। ୨୦୧୯ରେ ପ୍ରଥମ ଥର ପାଇଁ ସେ ବିଜେପି ଟିକେଟରେ ଲଢ଼ି ପ୍ରଦୀପଙ୍କୁ କଡ଼ା ଟକ୍କର ଦେଇଥିଲେ। ୨୦୨୧ରେ ପୁଣି ଥରେ ତାଙ୍କୁ ଉପନିର୍ବାଚନର ସାମ୍ନା କରିବାକୁ ପଡ଼ିଥିଲା। ପ୍ରଦୀପଙ୍କ ପରଲୋକ ପରେ ସେଠାରୁ ନିର୍ବାଚନ ଲଢ଼ିଥିଲେ ତାଙ୍କ ପୁଅ ରୁଦ୍ର ମହାରଥି। ନବୀନଙ୍କ ଲୋକପ୍ରିୟତା ଓ ବିଜେଡ଼ିର ଆକ୍ରମଣାତ୍ମକ ରଣନୀତି ସତ୍ତ୍ୱେ ଆଶ୍ରୀତ ୭୬ ହଜାର ଭୋଟ୍ ପାଇ ଚମକାଇ ଦେଇଥିଲେ। ତିନି ତିନି ଥର ହାରିଥିଲେବି ଆଶ୍ରୀତ ଲୋକଙ୍କ ଠାରୁ ଦୂରେଇ ନଯାଇ ଅଧିକ ନିକଟତର ହୋଇଥିଲେ। ଯେଉଁଥିପାଇଁ ୨୦୨୪ରେ ସେ ଲକ୍ଷେ ପାଖାପାଖି ଭୋଟ୍ ପାଇଥିଲେ। ଏମିତିକି ତାଙ୍କୁ ହରାଇବା ପାଇଁ ରୁଦ୍ରଙ୍କ ସହ ସାମିଲ୍ ହୋଇଥିଲେ ଯୁଧିଷ୍ଠିରଙ୍କ ପୁଅ। ଆଶ୍ରୀତଙ୍କ ପ୍ରତି ଲୋକ ସର୍ମଥନ ଆଗରେ ବିଜେଡ଼ିର ରଣନୀତି କାମ କରିନଥିଲା। ଆଜିକା ଦିନରେ ସେ ପୁରୀ ଜିଲ୍ଲାର ଚଳଚଞ୍ଚଳ ବିଧାୟକ ଭାବେ ସୁନାମ ଅର୍ଜନ କରିଛନ୍ତି। ଡବଲ ଇଞ୍ଜିନ୍ ସରକାରରେ ସେ ପିପିଲିକୁ ବିକଶିତ କରିବାକୁ ପଣ କରି ଆଗେଇ ଚାଲିଥିବାବେଳେ ତାଙ୍କ ପ୍ରତି ଜନସମର୍ଥନ ବୃଦ୍ଧି ପାଇବାରେ ଲାଗିଛି। ତଥାପିବି ରୁଦ୍ରଙ୍କୁ ହାଲକାରେ ନେଇହେବ ନାହିଁ। ପ୍ରଦୀପ ମହାରଥିଙ୍କ ଗଡ଼ରେ ପୁଣି ଶଙ୍ଖ ବଜାଇବାକୁ ରୁଦ୍ର ବି ଆଶ୍ରୀତଙ୍କ ସହ ତାଳ ଦେଇ ଏବେ ଗ୍ରାଉଣ୍ଡକୁ ଯାଉଥିବା ଦେଖିବାକୁ ମିଳିଛି। ଆଜିକା ଦିନର ରାଜନୀତି କଥା ଯଦି କହିବା, ରୁଦ୍ର ପୂର୍ବ ଭୁଲ୍ ସୁଧାରି ଆଗକୁ ବଢୁଥିଲେବି ଆଶ୍ରୀତଙ୍କ ଠାରୁ କିନ୍ତୁ ପଛରେ ପଡ଼ିଯାଇଛନ୍ତି ।

## କୁଆଡ଼େ ଗଲେ ସସ୍ମିତ ପାତ୍ର ?

ବିଜୁ ଜନତା ଦଳର କୁହାଳିଆ ନେତା ସସ୍ମିତ ପାତ୍ର କୁଆଡ଼େ ଗଲେ ? ଦଳ ତାଙ୍କୁ ଦୂରେଇଦେଲା ନା ସେ ନିଜେ ଦୂରେଇ ଯାଇଛନ୍ତି ? ଏମିତି ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଦଳୀୟ କାର୍ଯ୍ୟାଳୟ ହେଉକି ଦଳୀୟ କାର୍ଯ୍ୟକ୍ରମ କେଉଁଠି ଆଉ ସସ୍ମିତଙ୍କୁ ଦେଖିବାକୁ ମିଳୁନାହିଁ। ସେ କାଁ ଭାଁ ଭୁବନେଶ୍ୱର ଆସୁଥିବାବେଳେ ସବୁ ସମୟରେ ନୂଆଦିଲ୍ଲୀରେ ହିଁ ରହୁଛନ୍ତି। ଅବଶ୍ୟ ନୂଆପଡ଼ା ଉପନିର୍ବାଚନ ବେଳେ ବିଦେଶ ଯିବାକୁ ରେଡ୍ଡୀ ଥିବା ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କୁ ମୁମ୍ବାଇରୁ ରାୟପୁର ଫେରାଇବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ଏକଦା ସସ୍ମିତଙ୍କୁ ସବୁବେଳେ ଖୋଜା ପଡୁଥିଲା। ଦଳରେ ବି ତାଙ୍କର ଢେର କାଟତି ଥିଲା । ଇଂରାଜୀ, ଓଡ଼ିଆ କି ହିନ୍ଦୀରେ ତାଙ୍କର ବାକପଟୁତା ଅଛି। ଦିଲ୍ଲୀ ମହଲରେ ତାଙ୍କର ବାଗ୍ମୀତାକୁ ନେଇ ଅନେକ ନେତା ପ୍ରଶଂସା ବି କରନ୍ତି। ରାଜ୍ୟସଭାରେ ବି ସେ ବିଜେଡ଼ିର ନେତା। ସବୁଠାରୁ ବଡ଼ କଥାଟି ହେଉଛି ସସ୍ମିତ ଦଳର ପାୱାରଫୁଲ୍ ଟିମ୍ ରାଜନୈତିକ ବ୍ୟାପାର କମିଟିରେ ବି ରହିଛନ୍ତି। ଯେଉଁ କମିଟିରେ ବିକ୍ରମ କେଶରୀ ଆରୁଖ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ସଞ୍ଜୟ କୁମାର ଦାସବର୍ମା, ପ୍ରଣବ ପ୍ରକାଶ ଦାସ, ସୁଦାମ ମାରାଣ୍ଡି, ଟୁକୁନି ସାହୁ, ସନ୍ତୃପ୍ତ ମିଶ୍ର ମଧ୍ୟ ଅଛନ୍ତି। ଇତିମଧ୍ୟରେ ନବୀନ ଅନେକ ବାର ପିଏସି ବୈଠକ ଡାକିଥିଲେବି ସସ୍ମିତଙ୍କର ଦେଖା ମିଳୁନାହିଁ। ଦଳ ପକ୍ଷରୁ ଯଦି ଡକା ଯାଉଥିବ ତେବେ ସସ୍ମିତ ନଆସିବାର ବାଟ ପାଇନଥା'ନ୍ତେ। କାହିଁକିନା ନବୀନଙ୍କ କଥାକୁ ସେ ଆଜ୍ଞାଧୀନ ଛାତ୍ର ଭଳି ଅକ୍ଷରେ ଅକ୍ଷରେ ପାଳନ କରନ୍ତି। ଅତଏବ ତାଙ୍କୁ ଦଳ ଲୋଡୁନଥିବା କହିଲେ ଭୁଲ୍ ହେବନାହିଁ। କିଛି ନେତା ସସ୍ମିତଙ୍କ ପତିଆରାକୁ ସହ୍ୟ କରିନପାରି ଏମିତି ରଣନୀତି କରିଛନ୍ତି । ତେବେ ଏହାଦ୍ୱାରା ସସ୍ମିତଙ୍କର କିଛି କ୍ଷତି ହେବାର ହିଁ ନାହିଁ। କାହିଁକିନା ସେ ୨୦୨୮ ପର୍ଯ୍ୟନ୍ତ ରାଜ୍ୟସଭାର ସାଂସଦ ରହିବେ। ସେହିପରି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଠାରୁ ନେଇ ଅନେକ ପାୱାରଫୁଲ ନେତାଙ୍କ ସହ ତାଙ୍କର ସୁସମ୍ପର୍କ ରହିଛି। ଏଭଳି କ୍ଷେତ୍ରରେ ସସ୍ମିତଙ୍କୁ କୋଣଠେସା କରି ବିଜେଡ଼ି କି ଲାଭ ପାଉଛି ତାହା ମା' ଗଙ୍ଗେଇଙ୍କୁ ଜଣା ।





### ବ୍ରହ୍ମପୁର ରାଜନୀତି

# ନୂଆବର୍ଷରେ ନୂଆ ମୋଡ଼

**ବ୍ରହ୍ମପୁର, ସ୍ମିତାଲି ସ୍ମୃତି ସ୍ନିଗ୍ଧା**

ବ୍ରହ୍ମପୁର ବିଜେଡିରେ ଏବେ ସବୁ କିଛି ଠିକ୍ ଚାଲିନାହିଁ। ଚବିଶରେ ଏମିତି ବି ଗଞ୍ଜାମରେ ଶଙ୍ଖ ଫାଟିଯାଇଛି। ଯେତେ ଫୁଙ୍କିଲେ ବି ଆଉ ବାଜୁନି। ଯୁଆଡ଼େ ଦେଖିବୁ ସିଆଡ଼େ ପଦ୍ମ ପୋଖରୀ ମାଳମାଳ। ବ୍ରହ୍ମପୁର ସ୍ଥିତି ଆହୁରି ଅସମ୍ଭାଳ । ଆଭ୍ୟନ୍ତରୀଣ କନ୍ଦଳ ଓ ଗୋଷ୍ଠୀ ବିବାଦ ଏବେ ଉପରମୁହାଁ ହେବାରେ ଲାଗିଛି । ବିଶେଷ ଭାବେ ବ୍ରହ୍ମପୁର ମହାନଗର ନିଗମର କର୍ପୋରେଟରମାନେ ଦି'ଫାଳ ହୋଇଯାଇଛନ୍ତି। ଗାଏମୋଟ୍ କହିଲେ ବିଜେଡ଼ି କର୍ମୀ ନେତୃତ୍ୱ ସଂକଟ ଦେଇ ଗତି କରୁଥିବାବେଳେ ବିଭାଜିତ କର୍ପୋରେଟର ଗୋଷ୍ଠୀ ଦଳୀୟ ହାଇକମାଣ୍ଡଙ୍କ ଉପରୁ ଆସ୍ଥା ହରାଇ ବିଜେପି ମୁହାଁ ହେଉଥିବା ଦେଖିବାକୁ ମିଳୁଛି। ଗତ ସାଧାରଣ ନିର୍ବାଚନରେ ବିଜେଡ଼ି ହାତରୁ ବ୍ରହ୍ମପୁର ଖସିଯାଇଛି। ଅସୁସ୍ଥତା ସତ୍ତ୍ୱେ ପାଞ୍ଚ ଥରିଆ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ବିଜେଡ଼ି ଟିକେଟ ଦେଇଥିଲେବି ସେ ପରାଜୟ ବରଣ କରିଥିଲେ। ତେବେ ପରାଜୟ ପାଇଁ ରମେଶଙ୍କ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀକୁ ଟାର୍ଗେଟ୍ କରିଥିଲେ।

ସେପଟେ ପ୍ରଦୀପ ପାଣିଗ୍ରାହୀଙ୍କୁ ଚେକ୍ ଦେବା ପାଇଁ ଗୋପାଳପୁର ଆସନରୁ ବିକ୍ରମ ପଣ୍ଡା ବିଜେଡି ପ୍ରାର୍ଥୀ ହୋଇଥିଲେ ମଧ୍ୟ ଏହି ଆସନ ହାତଛଡ଼ା ହୋଇଥିଲା । ବିକ୍ରମଙ୍କ ଗୋଷ୍ଠୀ ମଧ୍ୟ ଅନୁରୂପ ଭାବେ ଦଳୀୟ ଅନ୍ତର୍ଘାତୀ ଅଭିଯୋଗ ବାଢ଼ିଥିଲେ । ଏହାକୁ ନେଇ ବିବାଦ ଏତେ ତୀବ୍ରତର ହୋଇଥିଲାଯେ, କଥା ନବୀନ ନିବାସରେ ପହଁଚିଥିଲା। ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଉଭୟ ଗୋଷ୍ଠୀ ଭୁବନେଶ୍ୱର ଓ ବ୍ରହ୍ମପୁରରେ ବୈଠକ କରିଥିଲେ। ଦଳର ବଡ଼ ନେତା ତଥା ଗଞ୍ଜାମ ଜିଲ୍ଲା ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ତାଳିପକା ଉଦ୍ୟମ ହୋଇଥିଲା। ଏମିତିକି ଡେପୁଟି ମେୟରଙ୍କୁ ବଳି ପକାଇବାକୁ ଅନାସ୍ଥା ପ୍ରସ୍ତାବ ନାଟକ ରଚାଯାଇଥିଲା। ରମେଶ ବନାମ ବିକ୍ରମଙ୍କ ମଧ୍ୟରେ ଲଢ଼େଇ ଚାଲିଥିବାବେଳେ ବିକ୍ରମଙ୍କୁ ଜିଲ୍ଲା ସଭାପତି ପଦ ମିଳିଥିଲା । ତେବେ ପୀତବାସ ପଣ୍ଡା ହତ୍ୟା ମାମଲାରେ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, କର୍ପୋରେଟର ମଳୟ ବିଶୋୟୀଙ୍କ ସମେତ ତାଙ୍କ ଅନୁଗତ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶୂନ୍ୟ ଚନ୍ଦ୍ର ଦାସ, ମଦନ ଦଳେଇ, ସୁଦର୍ଶନ ଜେନା ପ୍ରମୁଖ ଗିରଫ ଘଟଣା କର୍ମୀ ମହଲରେ ଶକ୍ତ ଆଘାତ ଦେଇଛି। ବିକ୍ରମ ଗିରଫ ହେବାର ମାସକ ଭିତରେ ବିଜେଡି ମହାନଗର ସଭାପତି ବିଜୟ ସାମଲ ଓ ପୂର୍ବତନ କର୍ପୋରେଟର୍ ଉଦ୍ଧବ ବିଶୋୟୀ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି ।

ଅନ୍ୟପକ୍ଷରେ ବାଜପେୟୀଙ୍କ ଜୟନ୍ତୀରେ ଡ. ଚ୍ୟାଉ ପଟ୍ଟନାୟକଙ୍କ ଉପସ୍ଥିତି ଏବଂ ବିଜେପି ବିଧାୟକ କେ. ଅନିଲ କୁମାରଙ୍କ ଛାଡ଼ଖାଇ ଭୋଜିରେ ଚ୍ୟାଉ ପଟ୍ଟନାୟକ ସମର୍ଥିତ ପନ୍ଦର ଜଣ କର୍ପୋରେଟର ସାମିଲ ଘଟଣା ଏବେ ବ୍ରହ୍ମପୁର ବିଜେଡ଼ି ରାଜନୀତିକୁ ସରଗରମ କରିଦେଇଛି । ନୂଆବର୍ଷରେ ବଡ଼ ଧରଣର ହଟଚମଟ ସୃଷ୍ଟିହେଲେ ଆଶ୍ଚର୍ଯ୍ୟ ହେବାର ନାହିଁ ।

ଗର୍ବିତ ଓଡ଼ିଆ





# ରାଜନୀତିରେ ସମ୍ମାନ, ଶିଷ୍ଟାଚାର

**ସମର ପ୍ରଧାନ, ସମ୍ପାଦକ, ମିଡ୍‌ଡ଼େ ଓଡ଼ିଶା**

ନିକଟରେ ଭାରତର ମହାମହିମ ରାଷ୍ଟ୍ରପତି ଓଡିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କର ବିଧାନସଭା ଗସ୍ତ ସମୟର କିଛି ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି । ତେବେ ସବୁ ଫଟୋ ଭିତରୁ ଯେଉ ଦୁଇଟି ଫଟୋକୁ ନେଇ ସବୁଠାରୁ ଅଧିକ ଚର୍ଚ୍ଚା ହେଉଛି ସେହି ଦୁଇଟି ଫଟୋ କ'ଣ କହୁଛି ?

କଥାରେ କୁହନ୍ତି ଫଟୋ ହଜାରେ କଥା କହେ ଏବଂ ଓଡ଼ିଆ ଲୋକମାନେ ମଧ୍ୟ ଠିକ୍ ସେମିତି ଏହି ଦୁଇଟି ଫଟୋରୁ ହଜାରେ କଥା ଦେଖୁଛନ୍ତି ଏବଂ ବୁଝୁଛନ୍ତି କହିଲେ ଭୁଲହେବ ନାହିଁ । ତେବେ ଏହି ଦୁଇଟି ଫଟୋରେ ଗୋଟିଏ ସାମଞ୍ଜସ୍ୟ ହେଉଛିଯେ, ଦୁଇଟାଯାକ ଫଟୋରେ ଅଛନ୍ତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏବେକାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଗୋଟିଏ ଫଟୋରେ ତାଙ୍କୁ ରାଷ୍ଟ୍ରପତିଙ୍କ ସହ ଦେଖିବାକୁ ମିଳୁଥିବା ବେଳେ ଅନ୍ୟଟିରେ ତାଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦେଖିବାକୁ ମିଳୁଛି । ବିଧାନସଭା ପରିସରରେ ବିଧାୟକମାନଙ୍କ ସହ ଫଟୋସେସନ୍ ପାଇଁ ରାଷ୍ଟ୍ରପତି ଆସୁଥିବାବେଳେ ନବୀନ ପଟ୍ଟନାୟକ ବସିଥିବା ଆସନ ପାଖରେ ଅଟକି ଯାଇଥିଲେ । ଅତି ଆଦର ଓ ସମ୍ମାନପୂର୍ବକ ଆଗୁଆ ନବୀନଙ୍କୁ ହାତଯୋଡି ପ୍ରଣାମ କରିଥିଲେ । ସେତେବେଳକୁ ନବୀନ ବାବୁ ନମସ୍କାର ଭଙ୍ଗୀରେ ନିଜ ଆସନରୁ ଉଠି ସାରିଥିଲେ । ଆସନ ପାଖରେ ଛିଡା ହୋଇ ରାଷ୍ଟ୍ରପତିଙ୍କୁ ସମ୍ମାନ ଜଣାଉଥିଲେ । ବୟସାଧିକ କାରଣରୁ ଦୁର୍ବଳ ହୋଇଯାଇଥିବା ନବୀନଙ୍କୁ ଏଭଳି ଛିଡା ହେବା ରାଷ୍ଟ୍ରପତିଙ୍କୁ ସମ୍ଭବତଃ ଭଲ ଲାଗିଲା ନାହିଁ । ଲାଗୁଥିଲା, ନବୀନଙ୍କ ସ୍ନେହ ଓ ଶ୍ରଦ୍ଧା ଆଗରେ ସେ ନିଜକୁ ଛୋଟ ମନେ କରୁଥିଲେ । ସେତିକିବେଳେ ରାଷ୍ଟ୍ରପତିଙ୍କ ଆବେଗଭରା ଚାହାଣୀ, ନବୀନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ସେହି ଫଟୋରେ ଲିପିବଦ୍ଧ ହୋଇଛି । ଉଭୟଙ୍କ ଭିତରେ ଭାଇ-ଭଉଣୀର ସମ୍ପର୍କ ଅନୁଭବ କରୁଥିଲେ ସେଠାରେ ଉପସ୍ଥିତ ନେତୃଗଣ ଓ ଫଟୋ ଦେଖୁଥିବା ଓଡ଼ିଶାର ସାଧାରଣ ଜନତା । ଅନ୍ୟ ଫଟୋରେ ନବୀନଙ୍କ ସହ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଉଭୟ ପାଖାପାଖି ଚେୟାରରେ ବସିଛନ୍ତି । ନବୀନ ବାବୁ ଅତି ଆଦର ସହକାରେ ଧର୍ମେନ୍ଦ୍ରଙ୍କୁ କିଛି କହୁଛନ୍ତି, ଆଉ ଅତି ସ୍ନେହ ଓ ସମ୍ମାନପୂର୍ବକ ତାଙ୍କର ବାମହାତକୁ ଜୋରରେ ଜାବୁଡି ଧରିଛନ୍ତି । ସେତିକିବେଳେ ତାଙ୍କ ମୁହଁରୁ ଶ୍ରଦ୍ଧାର ହସ ଫୁଟୁଛି । ରାଜନୀତିରେ ଉଭୟ ଉଭୟଙ୍କର ଶତ୍ରୁ ହୋଇଥିଲେ ମଧ୍ୟ ସେହି ସମୟରେ ଉଭୟଙ୍କ ସମ୍ପର୍କର ପରିଭାଷା ଅଲଗା ଥିଲା । ଠିକ୍ ବାପ-ପୁଅର ସମ୍ପର୍କ ଭଳି । ପୂର୍ବରୁ ରାଜନୀତିରେ ଶିଷ୍ଟାଚାରର ଅନେକ ଉଦାହରଣ ରଖିଛନ୍ତି ଧର୍ମେନ୍ଦ୍ର । ପ୍ରତିପକ୍ଷଙ୍କୁ ରାଜନୈତିକ ଆକ୍ରମଣ କରିବାରେ ତାଙ୍କ ସ୍ୱର ଯେତେ ଟାଣ, ବ୍ୟକ୍ତିଗତ ଭାବେ ବରିଷ୍ଠଙ୍କ ପ୍ରତି ତାଙ୍କର ସମ୍ମାନ ଓ ହୃଦୟ ସେତିକି ନରମ । 2024ରେ ମୋହନ ମାଝୀ ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ନବୀନଙ୍କ ପ୍ରତି ତାଙ୍କର ସମ୍ମାନବୋଧ ସମସ୍ତେ ଦେଖିଛନ୍ତି । ଶପଥ ଗ୍ରହଣ ଉତ୍ସବରେ ଦେଶର ପ୍ରଧାନମନ୍ତ୍ରୀଙ୍କ ସମେତ ଅନ୍ୟ ବରେଣ୍ୟ ଅତିଥିମାନେ ମଞ୍ଚାସୀନ ଥିଲାବେଳେ ମଞ୍ଚ ତଳୁ ନବୀନଙ୍କୁ ପାଛୋଟି ଆଣିଥିଲେ ଗୃହମନ୍ତ୍ରୀ ଅମିତ୍ ଶାହା ଏବଂ ଧର୍ମେନ୍ଦ୍ର ପ୍ରଧାନ । ସେତିକିବେଳେ ପ୍ରଧାନମନ୍ତ୍ରୀ ବି ନିଜ ଆସନରୁ ଉଠି ନବୀନଙ୍କୁ ସମ୍ମାନ ଜଣାଇଥିଲେ । ପରବର୍ତ୍ତୀ ସମୟରେ ପୁରୀ ରଥଯାତ୍ରା ବେଳେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ସହ ମଞ୍ଚାସୀନ ହେବାକୁ ନବୀନଙ୍କୁ ଆମନ୍ତ୍ରଣ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ପଦରେ ନଥାଇ ଏହା ଥିଲା ନବୀନଙ୍କର ପ୍ରଥମ ରଥଯାତ୍ରା ଦର୍ଶନ । ନବୀନ ମଞ୍ଚ ଉପରକୁ ଆସୁଥିବା ବେଳେ ଧର୍ମେନ୍ଦ୍ର ତାଙ୍କ ପାଖକୁ ଦୌଡିଯାଇଥିଲେ ଏବଂ ତାଙ୍କୁ ମଞ୍ଚ ଉପରକୁ ସସମ୍ମାନେ ପାଛୋଟି ଆଣିଥିଲେ । ଟିଭିରେ ଏହି ଦୃଶ୍ୟ ବେଶ୍ ଉପଭୋଗ୍ୟ ହୋଇଥିଲା ।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers
Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at
AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA

Editor
BALARAM RANASINGH